ସାପ୍ତାହିକ
# ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
Postal Regd. No.: SBP/RN-01/2022-2024
RNI No. 66443/94

Vol.28 | Issue - 18 | 05 - 11 May 2024 | Sambalpur | Pages- 8 | Invitation Price Rs.10



## ସମ୍ବଲପୁର ଲୋକସଭା ପାଇଁ ପ୍ରାର୍ଥିପତ୍ର ଦାଖଲ କଲେ କେନ୍ଦ୍ରମନ୍ତ୍ରୀ





ସମ୍ବଲପୁର: ସମ୍ପୂର୍ଣ୍ଣ ଓଡ଼ିଶା ମୋ ପରିବାର ଓ ସମ୍ବଲପୁର ମୋର ଘର । ଏଠାରୁ ମୁଁ ପ୍ରାର୍ଥୀ



ହୋଇଛି । ଏହାର ସବୁ ସୁଃଖ ଦୁଃଖରେ ସାମିଲ ହେବି । ସମ୍ବଲପୁର ସମେତ ଓଡ଼ିଶା ମାଟିର ସେବା କରିବା ପାଇଁ ମୁଁ ସବୁବେଳେ ଆଗଭର ରହିବି ବୋଲି ସମ୍ବଲପୁର ଲୋକସଭା ଆସନ ପାଇଁ ବିଜେପି ପକ୍ଷରୁ ପ୍ରାର୍ଥୀପତ୍ର ଦାଖଲ କରିବା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

ସମ୍ବଲପୁର ସଂସଦୀୟ କ୍ଷେତ୍ରର ଲୋକସଭା ପ୍ରାର୍ଥୀ ଶ୍ରୀ ପ୍ରଧାନ ଏକ ବିରାଟ ଶୋଭାଯାତ୍ରାରେ ଯାଇ ନାମାଙ୍କନ ପତ୍ର ଦାଖଲ କରିଥିଲେ । ପ୍ରଥମେ ଶ୍ରୀ ପ୍ରଧାନ ଗ୍ରୀନପାର୍କ ସ୍ଥିତ ହନୁମାନ ମନ୍ଦିର ଏବଂ ପରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ଦର୍ଶନ କରିଥିଲେ । ସ୍ଥାନୀୟ କଳାକାରଙ୍କ ବାଦ୍ୟବାଜଣାର ତାଳେ ତାଳେ ସମ୍ବଲପୁରର ବିଜେପି ବିଧାୟକ ପ୍ରାର୍ଥୀ ଜୟ ନାରାୟଣ ମିଶ୍ରଙ୍କ ସହ ଅନ୍ୟାନ୍ୟ ବିଧାୟକ ପ୍ରାର୍ଥୀ ଏବଂ ହଜାର ହଜାର ସଂଖ୍ୟାରେ ସାଧାରଣ ନାଗରିକ, ନେତୃମଣ୍ଡଳୀ, କାର୍ଯ୍ୟକର୍ତ୍ତାମାନଙ୍କ ଗହଣରେ ମା' ସମଲେଶ୍ୱରୀଙ୍କ ପୀଠରୁ ସେ ଏକ ବିଶାଳ ଶୋଭାଯାତ୍ରାରେ ବାହାରିଥିଲେ । ଏହି ଶୋଭାଯାତ୍ରା ସହରରେ ଶୀତଳ ଷଷ୍ଠୀର ଭ୍ରମ ସୃଷ୍ଟି କରିଥିଲା ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଏସସି, ଏସଟି ବ୍ୟାଙ୍କ କର୍ମଚାରୀଙ୍କ ନେତା ଦିଲ୍ଲୀପ ବେହେରା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶ୍ରୀମତୀ କୁମ୍‌କୁମ୍ ମିଶ୍ର ଓ ପ୍ରଣବ ପ୍ରଧାନ ପ୍ରମୁଖ ପ୍ରସ୍ତାବକଙ୍କ ଉପସ୍ଥିତିରେ କେନ୍ଦ୍ରମନ୍ତ୍ରୀ ପ୍ରାର୍ଥୀପତ୍ର ଦାଖଲ କରିଥିଲେ ।

## ବିଜେଡି ପ୍ରାର୍ଥୀ ବବି ଦାସ ଦାଖଲ କଲେ ନାମାଙ୍କନ ପତ୍ର



ସମ୍ବଲପୁର: ସମ୍ବଲପୁର ଲୋକସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଶ୍ରୀ ପ୍ରଣବ ପ୍ରକାଶ ଦାସ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଶ୍ରୀ ଦାସ ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କୁ ଦର୍ଶନ କରିବା ପରେ ସେଠାରୁ ତାଙ୍କର ସମର୍ଥକମାନଙ୍କ ଗହଣରେ ଏକ ବିରାଟ ଶୋଭାଯାତ୍ରାରେ ଜିଲ୍ଲା-ପାଳଙ୍କ କାର୍ଯ୍ୟାଳୟକୁ ଆସି ନାମାଙ୍କନ ପତ୍ର ଦାଖଲ କରିଥିଲେ ।



ସମ୍ବଲପୁର ବିଧାନସଭା କ୍ଷେତ୍ର ପାଇଁ ବିଜେଡି ପ୍ରାର୍ଥୀ ରୋହିତ ପୂଜାରୀ ଓ ରେଙ୍ଗାଲି ବିଧାନସଭା ପ୍ରାର୍ଥୀ ସୁଦର୍ଶନ ହରିପାଲ ପ୍ରମୁଖ ମଧ ତାଙ୍କ ସହ ଶୋଭାଯାତ୍ରାରେ ସାମିଲ ହୋଇ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଥିଲେ । ପ୍ରବଳ ଖରା ସତ୍ତ୍ୱେ ହଜାର ହଜାର ବିଜେଡି ନେତା ଓ କର୍ମୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ଜରିଆରେ ପ୍ରଣବ ପ୍ରକାଶଙ୍କୁ ଶୁଭେଚ୍ଛା ଜଣାଇଥିଲେ । ମୁଁ ନିଶ୍ଚିତ ଅଛି ତୁମେ ବିଜୟୀ ହେବ ବୋଲି କହିଥିଲେ ।

## ନାମାଙ୍କନ ଦାଖଲ କଲେ କଂଗ୍ରେସ ସାଂସଦ ପ୍ରାର୍ଥୀ ନଗେନ୍ଦ୍ର



ସମ୍ବଲପୁର : କଂଗ୍ରେସର ସମ୍ବଲପୁର ଲୋକସଭା ପ୍ରାର୍ଥୀ ନଗେନ୍ଦ୍ର କୁମାର ପ୍ରଧାନ ନାମାଙ୍କନ ଦାଖଲ କରିଛନ୍ତି । ଏହି ଅବସରରେ ସେ ବାଲିବନ୍ଧା ଛକ ଠାରୁ ଏକ ଭବ୍ୟ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖକୁ ପହଞ୍ଚିଥିଲେ । ଏହି ସମୟରେ ଦଳର ସମ୍ବଲପୁର ବିଧାନସଭା ପ୍ରାର୍ଥୀ ଦୁର୍ଗା ପ୍ରସାଦ ପାଢ଼ୀ, ରେଢ଼ାଖୋଲ ବିଧାନସଭା ପ୍ରାର୍ଥୀ ଆସଫ୍ ଅଲ୍ଲୀ ଖାଁ, ଛେଣ୍ଡିପଦା ପ୍ରାର୍ଥୀ ନରୋତ୍ତମ ନାୟକ, ସୁରେଶ୍ୱର ମିଶ୍ର, ରାଧାକାନ୍ତ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ ।

## ରେକର୍ଡ ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ଭୁବନେଶ୍ୱର : ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ହେଲା ନବୀନ ନିରଙ୍କୁଶ ଭାବେ କ୍ଷମତାରେ ରହିଛନ୍ତି । କ୍ରମାଗତ ୫ ଥର ନିର୍ବାଚନ ଜିତିଥିବା ନବୀନ ଏବେ ଦେଶର ଦ୍ୱିତୀୟ ଦୀର୍ଘତମ ଅବଧିର ମୁଖ୍ୟମନ୍ତ୍ରୀ ।

୧୯୯୭ ମସିହା ଏପ୍ରିଲ ୧୭ରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ବିୟୋଗ ପରେ ସେ ନେତୃତ୍ୱ ନେଉଥିବା ଦଳରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିଲା । ଏହା ପରେ ନୂତନ କରି ରାଜନୀତିକୁ ଆସିଥିବା ନବୀନ ନବଗଠିତ ବିଜୁ ଜନତା ଦଳର ନେତୃତ୍ୱ ନେବା ସହ ଲୋକ ସଭା ପାଇଁ ଆସିକା ଆସନରୁ ଉପନିର୍ବାଚନରେ ଜିତିଥିଲେ । ୧୯୯୭ ଜୁନ୍ ୧ରେ ପ୍ରଥମ ଥର ପାଇଁ ସାଂସଦ ହୋଇଥିଲେ । ଥରେ ସାଂସଦ ଓ କେନ୍ଦ୍ରମନ୍ତ୍ରୀ ହେବା ପରେ ୨୦୦୦ ମସିହାରେ ବିଜେପି-ବିଜେଡି ମେଣ୍ଟ ସରକାରରେ ସେ ଓଡ଼ିଶା ଶାସନ ଭାର ସମ୍ଭାଳିଥିଲେ । କ୍ରମାଗତ ଭାବେ ୫ଥର ରାଜ୍ୟବାସୀ ନବୀନଙ୍କୁ ମୁଖ୍ୟମନ୍ତ୍ରୀ ବାଛିଛନ୍ତି । ବିଜୁ ଆଦର୍ଶରେ ଅନୁପ୍ରାଣିତ ରାଜନେତାମାନେ ବିଜେଡି ଗଠନ ନିଷ୍ପତ୍ତି ନେଇଥିଲେ । ଏହାର ନେତୃତ୍ୱ ପାଇଁ ବିଜୁଙ୍କ ଦାୟାଦ ଭାବେ ନବୀନଙ୍କୁ ସେମାନେ ଦଳର ସଭାପତି ଆସନରେ ବସାଇଥିଲେ । ଏକ ଭିନ୍ନ ପରିସ୍ଥିତି କ୍ରମେ ବାଧବାଧକତାରେ ଲେଖକରୁ ରାଜନୀତିରେ ପାଦ ଥାପିଥିବା ନବୀନ ୧୯୯୭ ପରଠାରୁ ନିରବଚ୍ଛିନ୍ନ ଭାବେ ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ପିତା ବିଜୁ ପଟ୍ଟନାୟକଙ୍କ ରାଜନୈତିକ ବିଚାରଧାରାକୁ ବଜାୟ ରଖୁଛନ୍ତି । ଲଗାତାର ୫ ଥର ଗଞ୍ଜାମ ଜିଲା ହିଞ୍ଜିଳିରୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି । ୨୦୧୯ରେ ସେ ହିଞ୍ଜିଳି ସହ ବିଜେପୁର ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦିତା କରିଥିଲେ । ଉଭୟ ଆସନରୁ ବୃହତ୍ ବ୍ୟବଧାନରେ ବିଜୟ ହାସଲ ପରେ ନବୀନ ହିଞ୍ଜିଳିକୁ ରଖି ବିଜେପୁର ଆସନ ଛାଡ଼ିଥିଲେ । ଏଥର ବି ନବୀନ ନିଜ ପାରମ୍ପରିକ ଆସନ ହିଞ୍ଜିଳି ସହ କଣ୍ଟାବାଞ୍ଜିରୁ ନିର୍ବାଚନ ଲଢୁଛନ୍ତି । ଚଳିତ ନିର୍ବାଚନ ନବୀନଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହେବ । ଷଷ୍ଠ ଥର ନିର୍ବାଚନ ଜିତି ଦେଶରେ ନୂଆ ରେକର୍ଡ଼ହାସଲ ଲକ୍ଷ୍ୟ ରଖିଛନ୍ତି ନବୀନ ।




## ଏ ସଂଖ୍ୟାରେ..


ଔଷଧୀୟ ଗୋଲମରିଚ


ଅମୃତଭଣ୍ଡାର ଔଷଧୀୟ ଗୁଣ


ରୋଗ ଉପଚାର ପାଇଁ ପୋଦିନା


ଗର୍ଭବତୀଙ୍କ ମହୌଷଧି ତୁଳସୀ


ସ୍ୱାସ୍ଥ୍ୟ ପାଇଁ ହିତକର କଲରା


ବେଲପତ୍ରର ଉପକାରିତା

# ସାଢ଼େ ୧୩ ହଜାର ନୂଆ ଭୋଟର ନିର୍ଣ୍ଣାୟକ ହେବେ

ଝାରସୁଗୁଡ଼ା: ଜିଲ୍ଲାରେ ଏଥର ନୂତନ ଭୋଟରଙ୍କ ସଂଖ୍ୟା ମଧ ୩ ପ୍ରତିଶତ ରହିଛି । ଯାହାକି ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି କୁହାଯାଉଛି । ଝାରସୁଗୁଡ଼ା ଜିଲ୍ଲାରେ ୪ ଲକ୍ଷ ୪୪ ହଜାର ୨୬ ଜଣ ମତଦାତା ପଞ୍ଜୀକୃତ ଅଛନ୍ତି । ସେ ମଧରୁ ଚଳିତ ବର୍ଷ ୧୩ହଜାର ୪୯୭ ଜଣ ନୂତନ ଭୋଟର ଯୋଡ଼ି ହୋଇଛନ୍ତି । ୧୮ରୁ ୨୦ ବର୍ଷ ମଧରେ ଏହି ଭୋଟର ମାନେ ଚଳିତ ଥର ପ୍ରଥମ କରି ଭୋଟଦାନ କରିବେ ।ତେବେ କେବଳ ୧୮ ରୁ ୨୦ ବର୍ଷ ବୟସ ବର୍ଗ ନୁହେଁ ୨୯ ବର୍ଷ ଭିତରେ ଯୁବ ଭୋଟରଙ୍କ ସଂଖ୍ୟା ଆକଳନ କଲେ ସମୁଦାୟ ଭୋଟରଙ୍କ ୨୦ ପ୍ରତିଶତ । ବିଭାଗୀୟ ତଥ୍ୟରୁ ଜଣାଯାଏ ଯେ ୧୮ ବର୍ଷରୁ ୨୯ ବର୍ଷ ବର୍ଗରେ ଜିଲ୍ଲାରେ ସମୁଦାୟ ୧ ଲକ୍ଷ ୩୫ ହଜାର ଭୋଟର ଅଛନ୍ତି । ପ୍ରଶାସନ ସୂଚନାନୁସାରେ ଝାରସୁଗୁଡ଼ା ଜିଲ୍ଲାରେ ୪ ଲକ୍ଷ ୪୪ ହଜାର ଭୋଟରଙ୍କ ମଧରୁ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ୨୭ ହଜାର ୮୧୦ ଭୋଟର ଥିବାବେଳେ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ୧୬ ହଜାର ୨୧୬ ପଞ୍ଜୀକୃତ ଭୋଟର ଅଛନ୍ତି । ପୁରୁଷ-ମହିଳା ଭୋଟର ଅନୁପାତ ଦେଖିଲେ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ ୧୦୦୦ ପୁରୁଷ ରେ ୯୬୯ ମହିଳା ଭୋଟର ଥିବା ବେଳେ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରେ ୧୦୦୦ ପୁରୁଷରେ ୧୦୧୯ ମହିଳା ଭୋଟର ଅଛନ୍ତି । ସମସ୍ତ ପଞ୍ଜୀକୃତ ଭୋଟରଙ୍କୁ ଭୋଟର ପରିଚୟ ପତ୍ର ପ୍ରଦାନ କରାଯାଇଛି । ନୂତନ ଭୋଟରଙ୍କ ମଧରୁ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ ୬୨୩୮ ନୂତନ ଭୋଟର ଯୋଡ଼ି ହୋଇଥିବା ବେଳେ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରେ ୭୨୫୯ ନୂତନ ଭୋଟର ଯୋଡ଼ି ହୋଇଛନ୍ତି । ଜିଲ୍ଲାରେ ୬୧୦୯ ଜଣ ଭିନ୍ନକ୍ଷମ ଭୋଟର ଅଛନ୍ତି । ଏହାବ୍ୟତୀତ ୮୫ ବର୍ଷରୁ ଅଧିକ ଭୋଟରଙ୍କ ସଂଖ୍ୟା ୨୭ ୬୦ ରହିଛି । ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ ୧୨୨୯ ଜଣ ଓ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରେ ୧୫୩୧ ଜଣ ଏହି ବର୍ଗର ଭୋଟର ଅଛନ୍ତି । ଏହାମଧରେ ଶତାୟୁ ଭୋଟର ୮ ଜଣ ଅଛନ୍ତି । ଚଳିତ ଥର ଏଭଳି ବୟସ୍କ ଭୋଟର ବୁଥକୁ ଆସି ଯେମିତି ହଇରାଣ ନହେବେ ସେ ବ୍ୟବସ୍ଥା କରିବାକୁ ସମସ୍ତ ବୁଥସ୍ତରୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ଓଡ଼ିଶାରେ ଶତପ୍ରତିଶତ ମତଦାନ ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ଭୋଟରମାନଙ୍କୁ ଆହ୍ୱାନ କରିଛନ୍ତି । ଝାରସୁଗୁଡ଼ା ଜିଲ୍ଲାରେ ଏଥିଲାଗି ବିଭିନ୍ନ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି ।

# ସମ୍ବଲପୁର ରାଜନୀତି: ଦ୍ୱନ୍ଦ୍ୱରେ ଭୋଟର

ସମ୍ବଲପୁର: ଚଳିତ ନିର୍ବାଚନରେ ସମ୍ବଲପୁର ଲୋକସଭା କ୍ଷେତ୍ରରେ ବରିଷ୍ଠଙ୍କ ଲଢ଼େଇ ହେବାକୁ ଯାଉଛି । ବିଜେପିରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେଡିରୁ ପ୍ରଣବ ପ୍ରକାଶ ଦାସ ଓ କଂଗ୍ରେସରୁ ନରେନ୍ଦ୍ର ପ୍ରଧାନ ଲୋକସଭା ପ୍ରାର୍ଥୀ ହୋଇଛନ୍ତି । ଅନ୍ୟ ପକ୍ଷରେ ଏହି କ୍ଷେତ୍ରର ସମ୍ମାନଜନକ ସମ୍ବଲପୁର ବିଧାନସଭା କ୍ଷେତ୍ରରେ ପ୍ରତିଦିନ କିଛି ନା' କିଛି ନୂଆ ପ୍ରକରଣ ଘଟୁଛି । ଗୋଳମାଳିଆ ଦୃଶ୍ୟପଟ୍ଟ ଦେଖି ସହରୀ ଭୋଟର୍ ଦ୍ୱନ୍ଦ୍ୱରେ ପଡ଼ି ଯାଇଛନ୍ତି । ବିଜେପି ବିଧାୟକ ଜୟନାରାୟଣ ମିଶ୍ରଙ୍କ ଉପରେ ପୁଣି ଥରେ ଆସ୍ଥା ପ୍ରକଟ କରିଛି । ତେବେ, ବିଜେପିର ଏକ ଗୋଷ୍ଠୀ ତାଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରୁଛନ୍ତି । ବିଜେଡିରେ ଏକାଧିକ ଗୋଷ୍ଠୀ ହୋଇ ସମସ୍ତେ ସମ୍ବଲପୁର ଟିକଟ ପାଇଁ ଆଶାୟୀ ଥିବାବେଳେ ଦଳର ସଭାପତି ପ୍ରଥମେ ପ୍ରସନ୍ନ ଆଚାର୍ଯ୍ୟ ଏବଂ ପରେ ବଦଳାଇ ରୋହିତ ପୂଜାରୀଙ୍କୁ ସମ୍ବଲପୁର ବିଧାୟକ ପ୍ରାର୍ଥୀ କରିଛନ୍ତି । ଗତ ୧୦ ବର୍ଷ ମଧରେ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ସାଧାରଣ ଜନଜୀବନ ସହିତ ଜଡ଼ିତ ଥିଲେ ମଧ ଟିକଟ ନ ମିଳିବାରୁ ଅସନ୍ତୋଷ ପ୍ରକାଶ କରି ବିଜେଡି ଛାଡ଼ିଛନ୍ତି । ତାଙ୍କ ସମର୍ଥକ କର୍ମକର୍ତ୍ତା ଓ କର୍ମୀ ଦଳରୁ ଇସ୍ତଫା ଦେଇଛନ୍ତି । ରାସେଶ୍ୱରୀ ଓ ସମର୍ଥକ କେଉଁ ଆଡ଼କୁ ଢଳିବେ ସେଥିନେଇ ଚର୍ଚ୍ଚା ଚାଲିଥିବା ବେଳେ ବିଜେପି ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ତାଙ୍କୁ ଯାଇ ଶାନ୍ତିନଗର ବାସଭବନରେ ଭେଟିବା ଓ ଡାକ୍ତର ପାଣିଗ୍ରାହୀ ତାଙ୍କୁ ଆଶୀର୍ବାଦ ଦେବା ଚର୍ଚ୍ଚାକୁ ଖୋରାକ ଯୋଗାଇଛି । ସମ୍ବଲପୁର ବିଧାନସଭା ପ୍ରାର୍ଥୀ ପାଇଁ ଦାବିଦାର ଥିବା ପୂର୍ବତନ ଜିଲା ସଭାପତି ସିଦ୍ଧାର୍ଥ ଦାସ ଓ ସମର୍ଥକଙ୍କ ନିରବତା ଅସ୍ପଷ୍ଟ ରହୁଛି । ପୁଣି ସମ୍ବଲପୁରରୁ ଆଶାୟୀ ଥିବା ଆଉ କେତେକଙ୍କ ଆଭିମୁଖ୍ୟ ଉପରେ ଭୋଟର୍‌ଙ୍କ ନଜର ରହିଛି ।

ସମ୍ବଲପୁର ବିଧାନସଭା ପ୍ରାର୍ଥୀ ହେବାପାଇଁ ବିଜେପି ଓ ବିଜେଡିରେ ଏକାଧିକ ନେତାଙ୍କ ମଧରେ ଟଣାଓଟରା ଚାଲିଥିବାବେଳେ କଂଗ୍ରେସ ଦଳରେ ଆପ୍ ଜରିଆରେ ଆବେଦନ କରା ଯାଇଥିଲା । ସମ୍ବଲପୁର ପାଇଁ ଦୁର୍ଗା ପ୍ରସାଦ ପାଢ଼ୀଙ୍କୁ ଦଳ ପ୍ରାର୍ଥୀ କରିଛି । ଏହି ଆସନ ସକାଶେ ୬ ଜଣ ଆବେଦନକାରୀ ଥିଲେ । ସେମାନଙ୍କ ମଧରେ ଅସନ୍ତୋଷ ରହିଥିଲେ ହେଁ ଖୋଲାଖୋଲି ଭାବେ ପ୍ରକାଶ ପାଉନାହିଁ । ପୁଣି ଲୋକସଭା ପ୍ରାର୍ଥୀ ଭାବେ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ନାମ ଘୋଷଣା ଏବଂ ଟିକଟ ପରିବର୍ତ୍ତନ ପରେ ସେ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ଇତି ମଧରେ ଦୁଲାଲ ବିଜେପିରେ ଯୋଗ ଦେଇଛନ୍ତି । ସମ୍ବଲପୁରର ଭୋଟର୍ ଏବେ ଦଳକୁ ଦେଖିବ ନା' ପ୍ରାର୍ଥୀ ତାହା ସବୁଠୁ ବଡ଼ ଆହ୍ୱାନ । ଗତ ପାଞ୍ଚବର୍ଷ ଧରି ସମ୍ବଲପୁରର ବିକାଶ ଅଟକି ଯାଇଥିବା ବେଳେ ଭୋଟରର ଆଶା ଆକାଂକ୍ଷା କିଏ ପୂରଣ କରିବେ ତାହା ବଡ଼ ପ୍ରଶ୍ନବାଚୀ । ବିଭିନ୍ନ ଦଳର ଅସନ୍ତୁଷ୍ଟଙ୍କ ଦ୍ୱାରା ଭୋଟ୍ ରାଜନୀତି ପ୍ରଭାବିତ ହୋଇପାରେ ବୋଲି ଚର୍ଚ୍ଚା ହେଉଛି ।

# ରାସ୍ତା କଡ଼ରେ ପାଉଁଶ ଡ଼ମ୍ପି, ସ୍ଥାଣୁ ପାଲଟିଛି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ

ଝାରସୁଗୁଡ଼ା : ବିଜୁ ଏକ୍ସପ୍ରେସ୍ ୱେ ତଥା ରାଜ୍ୟ ରାଜପଥ–୧୦ରେ ଝାରସୁଗୁଡ଼ାର ପ୍ରସନ୍ନ ପଣ୍ଡା ଛକରୁ ତାଳପଟିଆ ଛକ ମଧରେ ବହୁ ସ୍ଥାନରେ ରାଜପଥକୁ ଲାଗି ବିଭିନ୍ନ କଳକାରଖାନାରୁ ନିର୍ଗତ ଫ୍ଲାଏଆଶ୍ (ପାଉଁଶ) ଜମା ହେବାରେ ଲାଗିଛି । ଯାହାକି ସାମାନ୍ୟ ପବନ ବହିଲେ ଉଡ଼ିବା ସହ ରାଜପଥରେ ଯାତାୟାତ କରୁଥିବା ଯାତ୍ରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି । ଆଖପାଖରେ ରହୁଥିବା ଲୋକେ ବି ପାଉଁଶ ଜନିତ ପ୍ରଦୂଷଣରେ ଅତିଷ୍ଠ ହୋଇ ପଡ଼ିଛନ୍ତି । ପଞ୍ଚପଡ଼ା, ଝରିଆନାଳ, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଅମଲିପାଲି, ହାଉସିଂ ବୋର୍ଡ କଲୋନି, ବିଟିଏମ୍ ଆଦି ଅଞ୍ଚଳରେ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି । ମାତ୍ର ଏଭଳି ରାଜପଥ ପାର୍ଶ୍ୱରେ ବେଆଇନ ପାଉଁଶ ଡମ୍ପିଂକୁ ରୋକି ପାରୁନାହିଁ ପ୍ରଶାସନ । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସ୍ଥାଣୁ ପାଲଟିଛି । ଝାରସୁଗୁଡ଼ା ବାଇପାସ୍ ବିଜୁ ଏକ୍ସପ୍ରେସ୍ ୱେ ଦେଇ ପ୍ରତ୍ୟହ ହଜାର ହଜାର ସଂଖ୍ୟାରେ ଭାରୀଯାନ ସାଙ୍ଗକୁ ଅନ୍ୟାନ୍ୟ ଯାନବାହାନ ଯତାୟାତ କରୁଛି । ପ୍ରସନ୍ନ ପଣ୍ଡା ଛକ ଠାରେ ଫ୍ଲାଇଓଭରର ନିର୍ମାଣ କାର୍ଯ୍ୟ ଅବ୍ୟାହତ ରହିଥିବାରୁ ଟ୍ରାଫିକ ସମସ୍ୟା ଉତ୍କଟ ରୂପ ନେଉଛି । ରାଜପଥର ତାଳପଟିଆ ଛକ୍ତ ଠାରୁ ଖେରୁଆଲ ସେତୁ ମଧରେ ବହୁ ସଂଖ୍ୟାରେ କୋଇଲା, ପାଉଁଶ ବୋଝେଇ ଭାରୀଯାନ, କଣ୍ଟେନର ଗୁଡ଼ିକ ଯାତାୟାତ କରୁଥିବା ବେଳେ ଅଧିକାଂଶ ସମୟରେ ରାସ୍ତା ପାର୍ଶ୍ୱରେ ବେଆଇନ ପାର୍କିଂ କରିବା କାରଣରୁ ଟ୍ରାଫିକ ସମସ୍ୟା ବୃଦ୍ଧି ସହ ଦୁର୍ଘଟଣା ମଧ ବଢ଼ି ଚାଲିଛି । ଏବେ ଏହି ସମସ୍ୟାକୁ ବଳି ଗଲାଣି ପାଉଁଶ ପ୍ରଦୂଷଣ । ରାଜପଥରେ ଏଭଳି ପାଉଁଶ ଉଡୁଛି ଯେ ଆଗରେ ଯାଉଥିବା ଯାନବାହାନ ଠିକ ଭାବେ ଦୃଶ୍ୟମାନ ହେଉନାହିଁ । ରାତି ଅଧିଆ ଭାରୀଯାନ ଏବଂ କଣ୍ଟେନର ଗୁଡ଼ିକ ଏହି ରାସ୍ତା ଦେଇ ପାଉଁଶ ପରିବହନ କରୁଥିବା ବେଳେ ରାଜପଥ ପାର୍ଶ୍ୱରେ ପକାଇ ଚାଲି ଯାଉଛନ୍ତି । ବାରମ୍ବାର ଅଭିଯୋଗ ପରେ ବି ଏଥିପ୍ରତି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମଧ ଧାନ ଦେଉ ନ ଥିବାର ଅଭିଯୋଗ ହେଉଛି ।

# ନିର୍ବାଚନ ଖର୍ଚ୍ଚ ଉପରେ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା

ସମ୍ବଲପୁର : ନିର୍ବାଚନ ଖର୍ଚ୍ଚ ତଦାରଖ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବ୍ୟୟ ପର୍ଯ୍ୟବେକ୍ଷକ ରାଜକୁମାର ଆର ମକଓ୍ୱାନା ଆଇଆରଏସ (ସମ୍ବଲପୁର, ରେଙ୍ଗାଲି ଓ କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବ୍ୟୟ ପର୍ଯ୍ୟବେକ୍ଷକ) ଏବଂ ସମ୍ବଲପୁର ଲୋକସଭା ଆସନ ପାଇଁ ବ୍ୟୟ ପର୍ଯ୍ୟବେକ୍ଷକ ବିନୀତ କୁମାର ଆଇଆରଏସଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଉଭୟ ବ୍ୟୟ ପର୍ଯ୍ୟବେକ୍ଷକଙ୍କୁ ସ୍ୱାଗତ କରିବା ସହ ସମସ୍ତ ନିର୍ବାଚନ ବ୍ୟୟ ମନିଟରିଂ ଟିମ୍‌କୁ ସମ୍ବୋଧିତ କରିଥିଲେ । ବେଆଇନ ଖର୍ଚ୍ଚ, ଯେକୌଣସି ରୂପରେ ଲାଞ୍ଚ ଦେବା, ନିଶା ଦ୍ରବ୍ୟ, ମଦ ଓ ମାଗଣା ସାମଗ୍ରୀ ପରିବହନକୁ ରୋକିବା ପାଇଁ ସମସ୍ତେ ସକ୍ରିୟ ଓ ସତର୍କ ରହିବାକୁ ସେ କହିଛନ୍ତି । ବ୍ୟୟ ସମ୍ବନ୍ଧୀୟ ଭାରତୀୟ ନିର୍ବାଚନ କମିଶନଙ୍କ ସମସ୍ତ ନିୟମ ଓ ନୀତିକୁ କଡ଼ାକଡ଼ି ଭାବେ ପାଳନ କରି ଏହାକୁ ଅକ୍ଷରେ ଅକ୍ଷରେ କାର୍ଯ୍ୟକାରୀ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ପର୍ଯ୍ୟବେକ୍ଷକମାନେ ସହକାରୀ ବ୍ୟୟ ପର୍ଯ୍ୟବେକ୍ଷକ, ଅବକାରୀ ଅଧୀକ୍ଷକ, ଆୟକର ଅଧିକାରୀ, ଷ୍ଟାଟିକ୍ ସର୍ଭିଲାନ୍ସ ଟିମ୍, ଭିଡିଓ ସର୍ଭିଲାନ୍ସ ଟିମ୍, ଫ୍ଲାଇଂ ସ୍କ୍ୱାର୍ଡ୍ ଟିମ୍ ଭିଡିଓ ଭ୍ୟୁଇଂ ଟିମ୍, ଏମ୍ସିଏମ୍ସି ଟିମ୍ ସହ ଆଲୋଚନା କରିଥିଲେ । ସେମାନେ ସେମାନଙ୍କ ଭୂମିକା ଏବଂ ଦାୟିତ୍ୱ ବିଷୟରେ ଆଲୋଚନା କରିଥିଲେ । ରାଜକୁମାର ଆର ମକଓ୍ୱାନା ଆଇଆରଏସ ଏନଫୋର୍ସମେଣ୍ଟ ଟିମ୍, ଭିଏସଟି, ଏସଏସଟି ଏବଂ ଏଫଂଏସଟି ଟିମ୍‌କୁ ଯାଞ୍ଚ ସମୟରେ ଜନସାଧାରଣଙ୍କ ସହ କାରବାର କରିବା ସମୟରେ ନମ୍ରତାର ସହ ବେଆଇନ କାର୍ଯ୍ୟକଳାପ ସନ୍ଦିଗ୍ଧ ସ୍ଥାନରେ ଯଥେଷ୍ଟ କଠୋର ହେବାକୁ ପରାମର୍ଶ ଦେଇଥିଲେ । ତଦାରଖ ବ୍ୟବସ୍ଥା, ବ୍ୟୟ ନିରୀକ୍ଷଣ ଯନ୍ତ୍ରପାତି, ଛାୟା ପର୍ଯ୍ୟବେକ୍ଷଣ ରେଜିଷ୍ଟର ଓ ପ୍ରମାଣର ଫୋଲ୍ଡର, ମଦ ଉତ୍ପାଦନ ଓ ସଂରକ୍ଷଣ ଉପରେ ବିଭିନ୍ନ କେସ୍ ଷ୍ଟଡି ଓ ଉଦାହରଣ ସହ ଆଲୋଚନା ହୋଇଥିଲା । ସିଡିଓ-କମ ଇଓ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତି, ଅତିରିକ୍ତ କମିଶନର ସୁନୀଲ କେରକେଟା, ଉପଜିଲ୍ଲାପାଳ ଡକ୍ଟର ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ବରଗଡ଼ ଲୋକସଭା ଆସନ ପାଇଁ ୧୦ ଜଣ ପ୍ରାର୍ଥୀ

ବରଗଡ଼ : ବରଗଡ଼ ଜିଲ୍ଲାର ୫ଟି ବିଧାନସଭା ଆସନ ପାଇଁ ମୋଟ ୪୯ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବା ବେଳେ ବରଗଡ଼ ସଂସଦୀୟ କ୍ଷେତ୍ର ପାଇଁ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନଙ୍କୁ ନେଇ ମୋଟ ୧୦ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି । ବରଗଡ଼ ଲୋକସଭା ଆସନ ପାଇଁ ବିଜେପିରୁ ପ୍ରଦୀପ ପୁରୋହିତ, ବିଜେଡିରୁ ପରିଣିତା ମିଶ୍ର ଓ କଂଗ୍ରେସରୁ ସଞ୍ଜୟ ଭୋଇ ପ୍ରମୁଖ ପ୍ରାର୍ଥୀ ରହିଛନ୍ତି । ବିଜେପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ସବୁଠାରୁ କମ୍ ୫ ଜଣ ପ୍ରାର୍ଥୀ ରହିଥିବା ବେଳେ ଭଟଲି ନିର୍ବାଚନମଣ୍ଡଳୀରୁ ସର୍ବାଧିକ ୧୬ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବା ଜଣାପଡ଼ିଛି । ସେହିଭଳି ପଦ୍ମପୁର ନିର୍ବାଚନ ମଣ୍ଡଳୀରୁ ୧୦ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବା ବେଳେ ବରଗଡ଼ ବିଧାନସଭା ଆସନରୁ ୧୧ ଜଣ ଓ ଅତାବିରା ବିଧାନସଭା ଆସନରୁ ୭ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି ।

# ପ୍ରେମିକା

*ସ୍ମୃତିଶିଖା ବେହେରା*

ଶ୍ରାବଣର ପ୍ରତ୍ୟେକ ବୁନ୍ଦାରେ
ଭିଜା ମାଟିର ବାସ୍ନାରେ
ଶଶୀର ଶୀତଳ ଜ୍ୟୋସ୍ନାରେ
ଝରାପତ୍ରର ଶବ୍ଦରେ
ମୁଁ ଅନୁଭବ କରେ ତୁମକୁ
ଗୋଲାପର କୋମଳ ଶରୀରରେ ହଉ
କିମ୍ବା ହଉ ତା ତାକ୍ତ କଣ୍ଟାରେ
ମୁଁ ପାଏ ସ୍ପର୍ଶ ତୁମ ତନୁ କୁ ।
କୋଇଲିର ମିଠା ତାନ
ପୁଣି ଗାଭୀର ବିକଳରତ
ମୁଁ ଅନୁଭବ କରେ ତୁମ ବୀଣାଝୀଣା ସ୍ୱରକୁ
ତୁମ ଗତିକୁ ହସ୍ତିନୀ ବୋଲିବି
ଅବା ବୋଲିବି ହରିଣୀର ଗତି
ମୋତେ ତ ଆକର୍ଷିତ କରେ
ତୁମ୍ଭ ଇନ୍ଦ୍ରଧନୁ ଶଶଢ଼ୀରେ ଲିପ୍ତ ତନୁଙ୍କ
ତୁମ ତନୁ ।
ଆଖିତ ଲାଖିଯାଏ ସେଇଠି
ସେ ଝରଣାର ଅଙ୍କା ବଙ୍କା ଆକାର
ଅନା ବ୍ୟାତ୍ରୀ ଗମ୍ଭୀରତାର ଗତି
କେତେ ଆଉ କେଉଁ ଭାଷାରେ
ବର୍ଣ୍ଣିବୀ ତୁମକୁ
ହେ ମୋର ପ୍ରିୟା ପ୍ରକୃତି ।
ତୁମେ ନାରୀ ନା ତୁମେ ଅପସରା
ତୁମେ ଦେବୀ ନା ତୁମେ ଦିଗମ୍ବରା
ଭ୍ରୁଭଙ୍ଗୀରେ ନିୟନ୍ତ୍ରଣ କର ସାରାସଂସାର
ସାଇତିଛି ଦେଇ ଅତି ଆଦର ।
କବିର ନୁହେଁ ତୁମେ କଳ୍ପନା
ତୁମ କଳ୍ପନାରେ କବି ଆଦୃତ
କବି କବି ହୁଏ ପ୍ରେମିକ
ତୁମେ ତା'ର ପ୍ରେମିକା ହେବ ତ ?

# ଆମ ସଂପର୍କ

*ଡକ୍ଟର ଶ୍ରୀମତୀ ସଙ୍ଗୀତା ନାଏକ ପୁରୋହିତ*

ହେ ବିଶ୍ୱ ନିୟନ୍ତା, ବିଚିତ୍ର ବିନ୍ଧାଣୀ,
ତୁମ ନିହାଣ ମୁନରେ ବନେଇଛ ମତେ
ମଣିଷ ଦେଇଛ ନା ମୋର
କାରିଗରୀ ହାତେ
ଗଢ଼ି, ଖଞ୍ଜି ଦେଇଛ
କ୍ଷଣ ଭଙ୍ଗୁର,
ତେଲ ଲୁଣର, ଏ ସଂସାର,
ଗଢ଼ି ଜାଣିଛି ମୁଁ
ତୁମେ ଶିଖେଇଛ
ସାଗର କୂଳରେ
ରମ୍ୟ କୋଣାର୍କରୁ
ନୀତି ଭାଙ୍ଗୁ ଥିବା ବାଲିଘର,
ତୁମେ ତିଆରିଲ ସୂର୍ଯ୍ୟ,
ଚନ୍ଦ୍ର ଆଉ ତାରା ଭରା
ଏଇ ଆକାଶ
ତାକୁ ଦେଖି ମନ ବିହ୍ୱଳ ହୁଏମୋ
ଆହେ ଅଦୃଶ୍ୟ ସ୍ରଷ୍ଟା ମୋର
ପକ୍ଷୀ ର କାକଳି, କ୍ଲାନ୍ତ ମନରେ
ଭରି ଦିଏ ଆଶା ଅସୁମାର,
ତୁମେ କାରିଗର ଏ ସାରା
ସଂସାରର ପ୍ରଭୁ, ହେଲେ
ମୋ' ହାତେ ତିଆରି
ଅଧାଗଢ଼ା ରୂପ ତୁମର ।
ତୁମେ ବି ଶ୍ରମିକ, ମୁଁ ବି ଶ୍ରମିକ
ତୁମେ ଖଟି ଖଟି ମଣିଷ ଗଢ଼ିଲ
ମୁଁ ପୁରାଉଛି ପେଟ ତାର ।

ବିଭାଗୀୟ ମୁଖ୍ୟ (ଓଡ଼ିଆ), ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ମୁଖ୍ୟ କାର୍ଯ୍ୟାଳୟ, ସମ୍ବଲପୁର, ସମ୍ବଲପୁର -୭୬୮୦୦୪

# ଭାରତୀୟ ସଂସ୍କୃତି ସାର୍ବଭୌମ ଓ ସନାତନ

ଭାରତୀୟ ଜ୍ଞାନ ପରଂପରାର ମୂଳ ସ୍ୱରୂପ ଅଷ୍ଟାଦଶ ବିଦ୍ୟାରେ ସନ୍ନିହିତ ଜ୍ଞାନ-ବିଜ୍ଞାନ ରୂପେ ବିଦ୍ୟମାନ । ଏହି ବିଦ୍ୟାଗୁଡିକ ଦ୍ୱାରା ଯେଉଁ ସୂତ୍ର- ସିଦ୍ଧାନ୍ତଗୁଡିକ ସୃଜନ କରାଯାଇଛି, ସେ ସବୁ ଶହ ଶହ ଗ୍ରନ୍ଥର ଆକାର ନେଇ ଆମର ଆତ୍ମଜ୍ଞାନର ଶିଖାକୁ ମୁଁ ପ୍ରଜ୍ଜ୍ୱଳିତ କରି ରଖିଛି । ଏହି ଜ୍ଞାନ ରୂପୀ ଉତ୍ତରାଧିକାର ଭାରତୀୟ ସଂସ୍କୃତିର ହଜାର ହଜାର ବର୍ଷର ଯାତ୍ରାରେ ବାସ୍ତବିକ ଚିନ୍ମୟ ସଂପତ୍ତି ।

ଏହି ଜ୍ଞାନ-ରହସ୍ୟ କାରଣରୁ ଆଜି ପର୍ଯ୍ୟନ୍ତ ଏହି ସଂସ୍କୃତିର ଜୀବନ ଅକ୍ଷୁର୍ଣ୍ଣ ରହିଛି ଏବଂ ଆଗକୁ ମଧ ରହିବ । ଅନ୍ୟ ସଂସ୍କୃତିଗୁଡିକ ଭଳି ଆମର ଦେବ ସଂସ୍କୃତିର ଧେୟ କେବେ ବି ଆଧିଭୌତିକ ରହି ନାହିଁ, ବରଂ ପୂର୍ଣ୍ଣତଃ ଆଧାତ୍ମିକ । ଜ୍ଞାନ ଏହାର ଆତ୍ମା, ଯାହା ଅଧାତ୍ମ ରୂପୀ ପ୍ରାଣ ହୋଇ ଏହାର ପ୍ରତ୍ୟେକ କଣରେ ବ୍ୟାପ୍ତ ।

ଅଧାତ୍ମ ବିନା ଏହି ସଂସ୍କୃତିର କଳ୍ପନା କରିବା ମଧ ଅସମ୍ଭବ । ଏହାର ସମସ୍ତ କଳେବର ହିଁ ଅଧାତ୍ମରେ ଓତପ୍ରୋତ । ତେଣୁ ସମଗ୍ର ବିଶ୍ୱ ମଧ ଏହାକୁ ଆଧାତ୍ମିକ ଜ୍ଞାନର ପୋଷକ ରୂପେ ଚିହ୍ନି ଆସିଛି । ସର୍ବୋଚ୍ଚ ଜ୍ଞାନର ପ୍ରାପ୍ତି ଆମ ସଂସ୍କୃତିର ମହାନତମ ଆଦର୍ଶ ।

ଏହି ଆଦର୍ଶକୁ ପ୍ରାପ୍ତ କରିବାର ଆହ୍ୱାନ ଓ ତାହା ଉପରେ ବିଜୟ ପ୍ରାପ୍ତ କରିବାର ମାର୍ଗ, ଉଭୟ ଏହି ସଂସ୍କୃତି ଦ୍ୱାରା ବିନିର୍ମିତ ସୁସଂସ୍କାରିତ ସମାଜର ଜୀବନ ପଦ୍ଧତି ଓ ଜୀବନ ମୂଲ୍ୟ ଗୁଡିକରେ ସନ୍ନିହିତ । ସର୍ବୋଚ୍ଚ ଜ୍ଞାନର ସ୍ୱରୂପ ପୂର୍ଣ୍ଣତଃ ଆଧାତ୍ମିକ, ଯାହା ମାନବୀୟ ଆତ୍ମାର ଧରାତଳରେ ହିଁ ପ୍ରସ୍ଫୁଟିତ ହୋଇଥାଏ । ଏହି ପରମ ଆଦର୍ଶକୁ ଜାଣିବା ଓ ବଞ୍ଚିବାର ଦୁଇଟି ଭିନ୍ନ ଧାରା ସମାନ -ସଂଯୁକ୍ତ ରୂପେ ଆମର ସାଂସ୍କୃତିକ ଯାତ୍ରାର ନେତୃତ୍ୱ କରିଆସୁଛି ।

ଗୋଟିଏ ଧାରା ଜ୍ଞାନର ତ ଆଉ ଗୋଟିଏ ବିଜ୍ଞାନର । ଜ୍ଞାନକୁ ଜାଣିବା-ବୁଝିବା ପାଇଁ ବିଭିନ୍ନ ଶାସ୍ତ୍ର ଓ ବିଭାଗର ନିର୍ମାଣ କରାଯାଇଛି ଏବଂ ସେଗୁଡ଼ିକର ଶ୍ରେଷ୍ଠତମ ବ୍ୟାଖ୍ୟା -ବିବେଚନା ର ପରଂପରା ବିକଶିତ କରାଯାଇଛି । ଅନ୍ୟ ଧାରାଟି ବିଜ୍ଞାନର, ଯେଉଁଥିରେ ସେହି ପ୍ରାପ୍ୟ ଜ୍ଞାନକୁ ବଞ୍ଚିବାର କଳା ଏବଂ ସୁସଂଗତ ଜୀବନ ପଦ୍ଧତିର ବିବିଧ ଆୟାମକୁ ଧର୍ମ, କର୍ମ, ସଂସ୍କାର ଓ ପରଂପରାଗୁଡିକ ରୂପରେ ସ୍ଥାପନ କରାଯାଇଛି ।

ଧାନ ଦେବାର କଥା ହେଲା, ଆମର ଋଷିମାନେ ଯାହାକୁ ବିଜ୍ଞାନ କହିଛନ୍ତି, ତାହା ବର୍ତ୍ତମାନ ତଥାକଥିତ ଭୌତିକ ବିଜ୍ଞାନ ଠାରୁ ସର୍ବଥା ଭିନ୍ନ । ଋଷିମାନଙ୍କ ଅବଧାରଣାରେ ବିଜ୍ଞାନର ତାତ୍ପର୍ଯ୍ୟ ହେଉଛି- ସେହି ଜ୍ଞାନ, ଚିନ୍ତନ ଅଥବା ସିଦ୍ଧାନ୍ତ, ଯାହା ଆମ ବ୍ୟବହାରର, ଜୀବନର, ଚରିତ୍ରର ଅଙ୍ଗ ହୋଇଯାଏ ଅର୍ଥାତ୍ ଜ୍ଞାନ ଯେବେ ବ୍ୟବହାରରେ ଆସିଯାଏ ସେତେବେଳେ ତାହା ବିଜ୍ଞାନ ବୋଲାଇଥାଏ ।

ଜ୍ଞାନ ଓ ବିଜ୍ଞାନ-ଦୁଇ ଧାରା ଅନ୍ୟୋନ୍ୟାଶ୍ରିତ, ଶାଶ୍ୱତ ଏବଂ ଚିରନୂତନତାର ସହିତ ଆମର ସଭ୍ୟତା, ସଂସ୍କୃତି ଓ ସମାଜର ଐଶ୍ୱର୍ଯ୍ୟତା, ବୈଭବ, ପ୍ରଖରତା ଓ ଶ୍ରେଷ୍ଠତାର ପରିଚାୟକ । ଅଧାତ୍ମ ତତ୍ତ୍ୱର ଏହି ଦୁଇ ଧାରା ବିଭିନ୍ନ ମାର୍ଗରେ ପ୍ରବାହିତ ହୋଇ କେବଳ ଭାରତଭୂମିକୁ ହିଁ ନୁହେଁ, ବରଂ ସମସ୍ତ ବିଶ୍ୱ -ବସୁଧାକୁ ଜୀବନର ଉର୍ବରତା ପ୍ରଦାନ କରି ମାନବତାକୁ ପୋଷିତ କରିଆସୁଛି ।

ଆମର ସାଂସ୍କୃତିକ ଜୀବନରେ ସମାହିତ ଜ୍ଞାନ- ବିଜ୍ଞାନର ଅଭେଦ ରୂପୀ ଅଧାତ୍ମ ତତ୍ତ୍ୱକୁ ବୁଝିବା ଦୁନିଆ ପାଇଁ ସହଜ ନୁହେଁ । ଆମର ସଂସ୍କୃତି ଓ ଆମର ଦେଶ ଅଧାତ୍ମବାଦୀମାନଙ୍କର ଦେଶ ବୋଲି ଦୁନିଆ ମାନି ଆସିଛି, କିନ୍ତୁ ଦୁନିଆ ଏହା ମଧ ବୁଝିନେବା ଆବଶ୍ୟକ ଯେ ଏଠାରେ ଅଧାତ୍ମର ତାତ୍ପର୍ଯ୍ୟ ଲୋକମାନେ କେବଳ ଆତ୍ମବୋଧ ଓ ଆତ୍ମଚିନ୍ତନର କାର୍ଯ୍ୟଗୁଡ଼ିକରେ ନିମଗ୍ନ ରହିବା କଦାପି ନୁହେଁ ।

ଏହି ଚିନ୍ତନର ଶିଖର ତ ଆମର ଋଷିମାନେ ସଭ୍ୟତାର ପ୍ରାରମ୍ଭ ପୂର୍ବରୁ ହିଁ ପ୍ରାପ୍ତ କରି ନେଇଥିଲେ । ଋଗ୍‌ବେଦର 'ନାସଦୀୟ ସୂକ୍ତ'ରେ ଏହି ଚିନ୍ତନର ଗହନତାକୁ ଦେଖାଯାଇପାରେ ।

ସାରା ସଂସାର ଜୀବନର ଯେଉଁ ସ୍ଥାୟୀ ସୁଖ ଓ ଆନନ୍ଦକୁ ପାଗଳମାନଙ୍କ ପରି ଖୋଜି ବୁଲୁଛି, ତାହାକୁ ଆମର ଋଷିମାନେ ଆଦିକାଳରୁ ହିଁ ଖୋଜି ବ୍ରାହ୍ମସ୍ଥିତି, ମୋକ୍ଷ, ନିର୍ବାଣ ଆଦି ନାନା ରୂପରେ ପ୍ରସ୍ତୁତ କରି ଦେଇଛନ୍ତି । ତାହା ହେଲେ ସ୍ୱାଭାବିକ ରୂପେ ପ୍ରଶ୍ନ ଉଠେ ଯେ ଜୀବନର ଗୂଢ଼ତମ ରହସ୍ୟ ଓ ଶାଶ୍ୱତ ସୁଖର ସ୍ରୋତକୁ ଋଷିମାନଙ୍କ ଦ୍ୱାରା ବହୁତ ପୂର୍ବରୁ ହିଁ ଖୋଜାଯାଇ ପ୍ରସ୍ତୁତ କରାଯାଇ ସାରିଥିବା ବେଳେ ଏବେ ଦୁନିଆକୁ ଖୋଜିବା ପାଇଁ ଆଉ ବାକି କ'ଣ ରହିଛି ?

ଏହାର ଉତ୍ତର ହେଲା, ଯାହା ଖୋଜାଯାଇ ସାରିଛି ଏବଂ ଯାହା ସମସ୍ତଙ୍କର ଆବଶ୍ୟକତା ମଧ, ସେପର୍ଯ୍ୟନ୍ତ ପହଞ୍ଚିବାର ମାର୍ଗକୁ ଖୋଜିବା । କୌଣସି ଜଣେ, ଦୁଇ ଜଣ ବା ହଜାର ଜଣଙ୍କ ପାଇଁ ନୁହେଁ, ବରଂ ମାନବ ମୁଁ ମାତ୍ର ପାଇଁ ଏପରି ମାର୍ଗର ଆବଶ୍ୟକତା ରହିଛି, ଯାହା ଉପରେ ଚାଲି ସମଗ୍ର ମାନବ ଜାତିକୁ ଶାଶ୍ୱତ ସୁଖ, ପରମ ଶାନ୍ତି ଓ ସନ୍ତୁଷ୍ଟିର ଲକ୍ଷ୍ୟ ପ୍ରାପ୍ତ ହୋଇପାରିବ ।

ଦୁନିଆ ସ୍ଥାୟୀ ସୁଖ-ଶାନ୍ତି ଓ ଆନନ୍ଦର ଇଚ୍ଛାକୁ ତ ମନରେ ଜୀବନ୍ତ କରି ରଖିଛି, ପରନ୍ତୁ ଏହା ପ୍ରାପ୍ତି କରାଇ ପାରୁଥିବା ମାର୍ଗ ଖୋଜି ବାହାର କରିବାରେ ଅସଫଳ ରହିଛି । ଭୌତିକବାଦ, ଭୋଗବାଦ ଓ ବୈଜ୍ଞାନିକ କ୍ରାନ୍ତିର ସାଧନ- ସମ୍ବଳଗୁଡିକର ଉଚ୍ଚତମ ବିକାଶ ମଧ ଅନ୍ତର୍ମନରେ ଦବି ରହିଥିବା ଇଚ୍ଛା ଓ ଭାବନାକୁ କୌଣସି ସାର୍ଥକ ଲାଭ ଦେଇ ପାରି ନାହିଁ, ବରଂ ଏହାର ବିପରୀତ ଅଶାନ୍ତି, ଅସନ୍ତୁଷ୍ଟି, ନିରାଶା ଓ ଅନେକ ଦୁଃଖଦାୟୀ ସ୍ଥିତିକୁ ଉତ୍ପନ୍ନ କରିଛି । ଜୀବନରେ ସୁଖ, ଶାନ୍ତି, ସନ୍ତୁଷ୍ଟି ଓ ଆନନ୍ଦର ଅନ୍ୱେଷଣ ଯଥାବତ୍ କାଏମ ରହିଛି ।

ସମସ୍ତ ମାନବତା ଏଥିପାଇଁ ଲାଳାୟିତ ହୋଇ ଚାହିଁ ରହିଛି, ପରନ୍ତୁ ତା' ପାଖରେ ଏପରି କୌଣସି ମାର୍ଗ ନାହିଁ, ଯାହା ଉପରେ ଚାଲି ଇଚ୍ଛିତ ଲକ୍ଷ୍ୟକୁ ପ୍ରାପ୍ତ କରି ପାରିବ । ଏ ସନ୍ଦର୍ଭରେ ସମଗ୍ର ଦୁନିଆକୁ ଜଣାଇଦେବା ଆବଶ୍ୟକ ଯେ ଯେଉଁ ମାର୍ଗର ଅନିଷ୍ଠା କରାଯାଉଛି, ସେହି ମାର୍ଗ ଆମର ଋଷି ସଂସ୍କୃତି ଓ ଜୀବନ ପଦ୍ଧତିରେ ପ୍ରଥମରୁ ବିଦ୍ୟମାନ । ଏହାର ଅନୁସରଣ କରି ଦୁନିଆର ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ଚିରସ୍ଥାୟୀ ସୁଖ, ଆନନ୍ଦ ଓ ସନ୍ତୁଷ୍ଟିକୁ ପ୍ରାପ୍ତ କରିପାରିବ ।

ଭାରତୀୟ ସଂସ୍କୃତିରେ ଜୀବନ ପଦ୍ଧତିର ନିର୍ମାଣ ଯେଉଁ ଆଦର୍ଶ ଓ ମୂଲ୍ୟ ଗୁଡିକର ଆଧାରରେ କରାଯାଇଛି, ତାହା ଉପରେ ଚାଲୁଥିବା ବ୍ୟକ୍ତିମାନଙ୍କୁ ଜୀବନର ଚରମ ଲକ୍ଷ୍ୟ ମିଳିବା ସୁନିଶ୍ଚିତ । ଏହାର ପ୍ରତ୍ୟକ୍ଷ ଉଦାହରଣ ହେଉଛି ଭାରତଭୂମିର ବର୍ତ୍ତମାନ ଇତିହାସରେ ମହାପୁରୁଷ, ମହାମାନବ ଓ ମହାନ୍ ବ୍ୟକ୍ତିତ୍ୱମାନଙ୍କ ଜୀବନ ଦର୍ଶନ, ଯେଉଁମାନେ ପ୍ରତ୍ୟେକ ଯୁଗରେ ସ୍ୱୟଂକୁ ଆଦର୍ଶ ବନାଇ ବିଶ୍ୱମାନବତାର ମାର୍ଗଦର୍ଶନ କରିଛନ୍ତି ।

ଭାରତୀୟ ସଂସ୍କୃତିର ପୋଷଣ ପାଇଁ ଆମର ଋଷିମାନେ ଯେଉଁ ଜୀବନ ପଦ୍ଧତିର ନିର୍ମାଣ କରିଛନ୍ତି, ତାହା ଆଧାତ୍ମିକ ଜୀବନଦୃଷ୍ଟି ଉପରେ ଆଧାରିତ ଏକ ସଂପୂର୍ଣ୍ଣ ଜୀବନ ବିଜ୍ଞାନ ଅଟେ । ଶାସ୍ତ୍ରଗୁଡିକରେ ମନୁଷ୍ୟର ଚତୁର୍ବର୍ଗ ପୁରୁଷାର୍ଥ, ବର୍ଣ୍ଣାଶ୍ରମ, ଧର୍ମ-କର୍ମ, କର୍ତ୍ତବ୍ୟ ଆଦିର ବିଶଦ ବ୍ୟାଖ୍ୟାଗୁଡିକରେ ଅଧାତ୍ମ ବିଜ୍ଞାନର ହିଁ ପ୍ରସ୍ତୁତି ରହିଛି ।

ମାନବୀୟ ଜୀବନର ସମସ୍ତ କ୍ରିୟାଶୀଳତା ଓ ସମ୍ଭାବନାକୁ ଚାରି ଭାଗରେ ବିଭାଜିତ କରି ପୁରୁଷାର୍ଥର ସିଦ୍ଧାନ୍ତ ପ୍ରଦାନ କରାଯାଇଛି । ଏହି ସିଦ୍ଧାନ୍ତ ଆମ ଜୀବନ ପଦ୍ଧତିର ମୂଳ ଆଧାର । ଧର୍ମ, ଅର୍ଥ, କାମ, ମୋକ୍ଷ ରୂପୀ ପୁରୁଷାର୍ଥର ଚର୍ଚ୍ଚା ପ୍ରାୟ ସମସ୍ତ ଦର୍ଶନ, ଧର୍ମଶାସ୍ତ୍ର, ଇତିହାସ ଗ୍ରନ୍ଥ, ମହାକାବ୍ୟ, ସ୍ମୃତି ଓ ପୁରାଣଗୁଡିକରେ ବିସ୍ତାର କରି ଦିଆଯାଇଛି ।

ଏହି ବିସ୍ତୃତ ବିବେଚନାରେ ଋଷିମାନଙ୍କ ଅଧାତ୍ମ ବିଜ୍ଞାନର ସୂକ୍ଷ୍ମ ଏବଂ ମାର୍ମିକ ପକ୍ଷଗୁଡିକୁ ଯେପରି ଭାବରେ ମାନବୀୟ ବୃତ୍ତି, କର୍ମ, ଆଚରଣ ଓ ଚରିତ୍ର ସ୍ତରରେ ସମାହିତ କରି ଏକ ସମଗ୍ର ଜୀବନ ପଦ୍ଧତି ବିନିର୍ମିତ କରାଯାଇଛି, ଏହି ସତ୍ୟର ଅନାବରଣ କରାଯାଇଛି ।

ଲଳିତ କଳାରୁ ନେଇ ଆୟୁର୍ବେଦ, ଧନୁର୍ବେଦ, ଶଲ୍ୟ ବିଦ୍ୟା, ରସାୟନ ଶାସ୍ତ୍ର, ନକ୍ଷତ୍ର ବିଦ୍ୟା, ଗଣିତ ବିଦ୍ୟା, କାବ୍ୟ, ନାଟକ, ସାହିତ୍ୟ, ସଂଗୀତ ଆଦି ଅନେକ ବିଭାଗରେ ମାନବୀୟ ରଚନାତ୍ମକତା ଓ ସୃଜନଶୀଳତାର ବିକଶିତ ରୂପକୁ ଭାରତୀୟ ଜୀବନ ପଦ୍ଧତିର ସମଗ୍ରତାରେ ଦେଖାଯାଇ ପାରେ ।

ଆମ ସଂସ୍କୃତିର ଜୀବନଦୃଷ୍ଟି ଆଧାତ୍ମିକ ଅବଶ୍ୟ, ପରନ୍ତୁ ତାହା ଉପରେ ଆଧାରିତ ଜୀବନ ପଦ୍ଧତିରେ ଅଧାତ୍ମ ଓ ଆଧିଭୌତିକ ଜୀବନର ସାର୍ଥକ ଏବଂ ଅନୁପମ ସମନ୍ୱୟ ହୋଇଛି ।

ଜ୍ଞାନ ସହିତ କର୍ମ, ଯୋଗ ସହିତ ଭୋଗ ଏବଂ ଅଧାତ୍ମ ସହିତ ବିଜ୍ଞାନର ସମନ୍ୱୟ ଏହାକୁ ବିଶ୍ୱର ମହାନତମ ସଂସ୍କୃତି ରୂପେ ପ୍ରତିଷ୍ଠିତ କରିଛି । ଏହି ସମନ୍ୱୟ, ଜ୍ଞାନକୁ ଆଚରଣରେ, ବ୍ୟବହାରରେ ଆଣିବାର ଉତ୍କୃଷ୍ଟ ଟେକ୍‌ନିକ୍ ରୂପେ ବ୍ୟକ୍ତି, ସମାଜ ଓ ସଂସ୍କୃତିର ଜୀବନରେ ଗୋଳିହୋଇ ଯାଇଛି । ଏଥିରେ ସମାହିତ ସୂକ୍ଷ୍ମ ମାନବୀୟ ମନୋବିଜ୍ଞାନକୁ ମଧ ଦୁନିଆକୁ ବୁଝାଇବାର ଆବଶ୍ୟକତା ରହିଛି ।

ଯେପରି ଚାରି ପୁରୁଷାର୍ଥ ବ୍ୟକ୍ତିର ଜୀବନ ମାର୍ଗର ଆଦର୍ଶ, ସେହିପରି ସମାଜ ଓ ସମଷ୍ଟିର କଲ୍ୟାଣର ଆଦର୍ଶ ମାର୍ଗ ଚାରି ଆଶ୍ରମ ରୂପେ ବିଦ୍ୟମାନ । ବ୍ରହ୍ମଚର୍ଯ୍ୟ, ଗୃହସ୍ଥ, ବାନପ୍ରସ୍ଥ ଓ ସନ୍ନ୍ୟାସ- ଏହା ହେଉଛି ସାର୍ବଭୌମିକ ମାନବତାର ପ୍ରତିଷ୍ଠା ଏବଂ କଲ୍ୟାଣର ଋଷିପ୍ରଣୀତ ସ୍ୱର୍ଣ୍ଣିମ ସୂତ୍ର ।

ମାନବ ଜୀବନର ଉକ୍ତ ଚାରି ସୋପାନରେ ବିଶ୍ୱ ସମାଜର ସର୍ବାଙ୍ଗୀଣ ବିକାଶ, ସନ୍ତୁଳନ ଓ ପରମ କଲ୍ୟାଣର ମନୋବିଜ୍ଞାନ ଗୁନ୍ଥା ହୋଇଛି । ସର୍ବପ୍ରଥମ ହେଉଛି ବ୍ରହ୍ମଚର୍ଯ୍ୟ ଆଶ୍ରମ, ଅର୍ଥାତ୍ ଜୀବନ ପ୍ରାରମ୍ଭର ପ୍ରଥମ ଚରଣରେ ଶରୀର, ମନ ଓ ବୁଦ୍ଧିକୁ ଶୁଦ୍ଧ ଏବଂ ସମୃଦ୍ଧିତ କରି ଏକ ଆଦର୍ଶ ବ୍ୟକ୍ତିତ୍ୱ ଓ କ୍ଷମତାବାନ୍, ଉପଯୋଗୀ ଜୀବନର ନିର୍ମାଣ କରିବା ।

ଦ୍ୱିତୀୟ ଚରଣରେ ସାଧନ ସମ୍ବଳ ଏବଂ ଇଚ୍ଛିତ କାମନାଗୁଡିକର ଧର୍ମାନୁକୂଳ ବୃଦ୍ଧି ଓ ଉପଭୋଗ ତଥା ପରିବାର, ସମାଜ ଓ ରାଷ୍ଟ୍ର ସହିତ ଜଡ଼ିତ ସମସ୍ତ କର୍ତ୍ତବ୍ୟ ନୈତିକ ରୂପେ ପାଳନ କରିବାକୁ ପଡିଥାଏ ।

ତୃତୀୟ ସୋପାନରେ ଘର – ପରିବାରର ଉତ୍ତରଦାୟିତ୍ୱରୁ ମୁକ୍ତ ହୋଇ ନିଜର ଅନୁଭବ ଓ ଚିନ୍ତନକୁ ସମାଜରେ ନିଃସ୍ୱାର୍ଥ ଭାବେ ବାଣ୍ଟିବାକୁ ହୋଇଥାଏ, ଯାହା ଫଳରେ ସମାଜର ଲୋକମାନଙ୍କର ସାଂସାରିକ ଜୀବନର ଦୁଃଖ, କଷ୍ଟ ଓ ସମସ୍ୟାଗୁଡିକୁ କମ୍ କରି ସେମାନଙ୍କୁ ସହି ଦିଶା ପ୍ରଦାନ କରାଯାଇ ପାରିବ । ଚତୁର୍ଥ ଚରଣ ହେଉଛି ଆତ୍ମସିଦ୍ଧିର, ବିଜ୍ଞାନ ଜଗତରୁ ଜ୍ଞାନ ଜଗତରେ ପ୍ରବେଶ କରିବାର । ଏହା ଯୋଗ, ତ୍ୟାଗ, ବୈରାଗ୍ୟ, ଭକ୍ତି ଓ ନିବୃତ୍ତିର ସୋପାନ । ଏଠାରେ ପହଞ୍ଚିବା ପରେ ମନୁଷ୍ୟ ଜୀବନ ତାହାର ସଂପୂର୍ଣ୍ଣତାରେ ବିକଶିତ ହୋଇଉଠେ ।

ଶାଶ୍ୱତ ସୁଖ, ପରମ ଶାନ୍ତି, ପୂର୍ଣ୍ଣ ସନ୍ତୁଷ୍ଟି ଓ ଚରମ ସତ୍ୟର ପ୍ରାପ୍ତି କରାଉଥିବା ବିଜ୍ଞାନ ଆମ ଜୀବନ ପଦ୍ଧତିର କେନ୍ଦ୍ରରେ ଅବସ୍ଥିତ । ମାନବୀୟ ସ୍ୱଭାବ ଓ ମନୋବିଜ୍ଞାନକୁ ଧାନରେ ରଖି ଆମର ଋଷିମାନେ ଏକ ଆଦର୍ଶ ଜୀବନ ପଦ୍ଧତିର ନିର୍ମାଣ କରି ପ୍ରତ୍ୟେକ ମନୁଷ୍ୟ ପାଇଁ ସାର୍ଥକ ଜୀବନ ବଞ୍ଚିବାର ମାର୍ଗ ସୃଜନ କରିଛନ୍ତି ।

ଏହି ମାର୍ଗରେ ଚାଲି ହିଁ ଭାରତୀୟ ସଂସ୍କୃତି ବିଶ୍ୱରେ ଏତେ ମହାନ୍ ଓ ଉଦ୍ଭବ ହୋଇ ପାରିଛି । ଏହି ଜୀବନ ପଦ୍ଧତି କେବଳ ବଞ୍ଚିବାର ଉପାୟ ବା ବ୍ୟବସ୍ଥା ମାତ୍ର ନ ହୋଇ ଜୀବନର ଉତ୍କୃଷ୍ଟତମ ବିକାଶର ବିଜ୍ଞାନ ଅଟେ ।

ପୁରୁଷାର୍ଥର ଚାରି ସ୍ତମ୍ଭ, ବର୍ଣ୍ଣାଶ୍ରମର ଚାରି ସୋପାନ, ସଂସ୍କାରଗୁଡିକର ଷୋହଳଟି ଅନୁବନ୍ଧ ଓ ଜୀବନ ପର୍ଯ୍ୟନ୍ତ ବ୍ରତ, ପର୍ବ, ଉତ୍ସବ ଭଳି ଦିବ୍ୟ ପରଂପରା- ଏ ସବୁରେ ଆଧାତ୍ମ- ବିଜ୍ଞାନ ସମାହିତ । - ଆମ ସଂସ୍କୃତିର ସର୍ବସ୍ୱ ଏକ ଶ୍ରେଷ୍ଠତମ ଓ ସର୍ବୋତ୍କୃଷ୍ଟ ସଂପୂର୍ଣ୍ଣ ଜୀବନ ବିଜ୍ଞାନର ପର୍ଯ୍ୟାୟ । ଭାରତଭୂମିର ଅଧାତ୍ମବାଦୀ ଜୀବନରେ ଶାସ୍ତ୍ରଗୁଡିକ ରୂପେ ମାନବୀୟ ଜ୍ଞାନର ଶିଖର ଗଚ୍ଛିତ ଅଛି ଏବଂ ସଂସ୍କୃତି ରୂପରେ ମାନବୀୟ ବିଜ୍ଞାନର ବ୍ୟାପକତା ମଧ ବିଦ୍ୟମାନ । ଏହା ଏକ ସାର୍ବଭୌମ ସତ୍ୟ ଯେ ଏଠାକାର ଶାସ୍ତ୍ର ଓ ସଂସ୍କୃତିର ଆବଶ୍ୟକତା ସମସ୍ତ ମାନବତା ପାଇଁ ବରଣୀୟ ।

## ଆଜିର ଚିନ୍ତନ

ଧର୍ମରାଜ ଯୁଧିଷ୍ଠିରଙ୍କ ପୌରୋହିତ୍ୟରେ ରାଜସୂୟ ଯଜ୍ଞ ଚାଲିଥାଏ । ଏଥିରେ ଯୋଗଦେବାକୁ ଅନେକ ଲୋକଙ୍କୁ ନିମନ୍ତ୍ରଣ କରାଯାଇଥିଲା । ନିମନ୍ତ୍ରଣ ରକ୍ଷା କରି ଦୂରଦୂରାନ୍ତରରୁ ବହୁ ଲୋକ ଏଥିରେ ଯୋଗ ଦେଇଥାନ୍ତି ।

ଅତିଥିମାନଙ୍କର ସ୍ୱାଗତ ସମ୍ବର୍ଦ୍ଧନା ନିମନ୍ତେ ଯଥୋଚିତ ବ୍ୟବସ୍ଥା କରାଯାଇଥିଲା । ସେମାନଙ୍କର ଅଭ୍ୟର୍ଥନା ଓ ଚର୍ଚ୍ଚାରେ ଯେପରି ସାମାନ୍ୟ ତ୍ରୁଟି ନ ହୁଏ ସେ ନିମନ୍ତେ ଖୋଦ ପାଣ୍ଡବ ପାଞ୍ଚଭାଇଙ୍କ ସମେତ ଅନ୍ୟମାନେ ନିୟୋଜିତ ରହିଥିଲେ ।

ଠିକ୍ ସମୟରେ ପାଣ୍ଡବମାନଙ୍କର ସଖା, ମାର୍ଗଦର୍ଶକ ଶ୍ରୀକୃଷ୍ଣ ପହଞ୍ଚିଲେ । ଦେଖିଲେ ଏହି ବିରାଟ ଯଜ୍ଞକାର୍ଯ୍ୟକୁ ସୁଚାରୁରୂପେ ସଂପନ୍ନ କରିବା ନିମନ୍ତେ ଅଗଣିତ ଲୋକ ବିଭିନ୍ନ କାମରେ ନିଷ୍ଠାର ସହ ଲାଗିଛନ୍ତି । ଯୁଧିଷ୍ଠିର ଶ୍ରୀକୃଷ୍ଣଙ୍କୁ ସ୍ୱାଗତ କରିବା ସହ ବସିବା ପାଇଁ ଉପଯୁକ୍ତ ଆସନ ଦେଇଥିଲେ ।

ଆସନ ଗ୍ରହଣ ପରେ ଯୁଧିଷ୍ଠିରଙ୍କୁ ଶ୍ରୀକୃଷ୍ଣ କହିଲେ ଧର୍ମରାଜ ଏହି ବିରାଟ ଧର୍ମାନୁଷ୍ଠାନରେ ଆପଣ ଅଗଣିତ ଲୋକଙ୍କୁ ସେବା କରିବାର ସୁଯୋଗ ଦେଇଛନ୍ତି । ଯେଉଁମାନେ ସହାୟତା କରୁଛନ୍ତି ସେମାନେ ପ୍ରକୃତରେ ଧନ୍ୟ, ଆପଣ ମୋତେ ଯଦି ସେବା କରିବାର ଅବସର ଦିଅନ୍ତେ ବହୁତ ଖୁସି ହୁଅନ୍ତି । ଏଥିରେ ସାମିଲ ହୋଇ ଏହି ସେବାର ସୁଯୋଗ ହାତଛଡ଼ା କରିବାକୁ ମୁଁ ଚାହୁଁନି । ପ୍ରତ୍ୟେକ ଯେହେତୁ ନିଜ କ୍ଷମତା ଅନୁସାରେ କାମ କରୁଛନ୍ତି, ମୋର ମଧ କିଛି କାମ କରିବା ଉଚିତ ।

ଯୁଧିଷ୍ଠିର ନମ୍ର ଭାବରେ କହିଲେ ଭଗବାନ କାମ କରିବା ନିମନ୍ତେ ବହୁତ ଲୋକ ଅଛନ୍ତି । ଆପଣ କାହିଁକି କଷ୍ଟ କରିବେ ? ଆହୁରି ମଧ ଆପଣଙ୍କ ଯୋଗ୍ୟ କୌଣସି କାର୍ଯ୍ୟ ନାହିଁ । ଏହାଶୁଣି ଶ୍ରୀକୃଷ୍ଣ ହସି ହସି କହିଲେ ସେବା କରିବା ପାଇଁ ସ୍ତର ଦେଖାଯାଏ ନାହିଁ । ଯେ କୌଣସି ପ୍ରକାର କାର୍ଯ୍ୟ ମାଧମରେ ଏହା କରାଯାଇପାରେ । ଏହା ଆନ୍ତରିକତାର ସହ କରାଯାଇଥାଏ । ନିଃସ୍ୱାର୍ଥ ଭାବନାରେ ଏହି କାର୍ଯ୍ୟ କରାଯାଉଥିବାରୁ ସେବାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇଥାଏ । ତେଣୁ ଆପଣ କହିଲେ ନ କହିଲେ କିଛି ଫରକ ନାହିଁ । ମୁଁ ନିଜ ପାଇଁ ଯୋଗ୍ୟ କାର୍ଯ୍ୟ ନିଜେ ହିଁ ବାଛିନେବି । ଏହା କହି ଶ୍ରୀକୃଷ୍ଣ କାର୍ଯ୍ୟ ଖୋଜିବାରେ ଲାଗିଲେ । ସେ ଦେଖିବାକୁ ପାଇଲେ ଅନେକ ଲୋକ ଏକତ୍ର ଭୋଜନ କରି ଉଠୁଛନ୍ତି । ତତ୍‌ଫୁଲ୍ଲ ହୋଇ କହିଲେ ମୋତେ କାମ ମିଳିଗଲା, ଏହା କହି ଅଇଁଠା ପତ୍ର ଉଠାଇବାରେ ଲାଗିଲେ । ଧର୍ମରକ୍ଷକ ଯୁଧିଷ୍ଠିର ପରମହିତୈଷୀ ମିତ୍ର ଶ୍ରୀକୃଷ୍ଣଙ୍କର ଏଭଳି ସେବା ଭାବଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ଉପସ୍ଥିତ ସମସ୍ତେ ମଧ ଶ୍ରୀକୃଷ୍ଣଙ୍କ ଏଭଳି ଅପୂର୍ବ ସେବା ଭାବର ପ୍ରଶଂସା କରିବାକୁ ଲାଗିଲେ ।

ବର୍ଷ ୨୮, ସଂଖ୍ୟା - ୧୮, ୦୫ - ୧୧ ମଇ ୨୦୨୪

# କମ୍ ଭୋଟ ହାର ଚିନ୍ତାର କାରଣ

ସାରା ଦେଶରେ ଭୋଟ ହାର ହ୍ରାସ ରାଜନୈତିକ ଦଳଗୁଡ଼ିକ ପାଇଁ ଚିନ୍ତାର କାରଣ ପାଲଟିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୧୯୮୦ରୁ ୨୦୦୪ ମସିହା ମଧ୍ୟରେ ୫ଟି ସାଧାରଣ ନିର୍ବାଚନରେ ଭୋଟ ହାର ହ୍ରାସ ୪ଥର କେନ୍ଦ୍ରରେ ସରକାର ପରିବର୍ତ୍ତନ କରିବାକୁ ସକ୍ଷମ ହୋଇଛି । ଏପରିକି ୨୦୦୪ରେ ତତ୍‌କାଳୀନ ବିଜେପି ସରକାର ସପକ୍ଷରେ ସମଗ୍ର ଦେଶବ୍ୟାପୀ ହାୱା ଥିବାବେଳେ ଭୋଟ ହାର ହ୍ରାସ ସରକାର ପରିବର୍ତ୍ତନ କରିବାକୁ ସକ୍ଷମ ହୋଇଥିଲା । ୧୯୫୧-୫୨ ନିର୍ବାଚନକୁ ବାଦ ଦେଲେ ୧୯୫୭ରୁ ୨୦୧୯ ମଧ୍ୟରେ ଦେଶରେ ୧୬ଟି ଲୋକସଭା ନିର୍ବାଚନ ଅନୁଷ୍ଠିତ ହୋଇଛି । ଏହି ନିର୍ବାଚନ ମଧ୍ୟରୁ ୬ଥର ମତଦାନ ହ୍ରାସ ପାଇଛି ଓ ୧୦ ଥର ପୂର୍ବାପେକ୍ଷା ବୃଦ୍ଧି ପାଇଛି । ୧୦ଥର ମତଦାନ ବୃଦ୍ଧି ସମୟରେ କ୍ଷମତାସୀନ ଦଳ ୬ ବାର ପୁନର୍ବାର ସରକାରକୁ ଫେରିଛି ଓ ୪ଥର ସରକାର ପରିବର୍ତ୍ତନ ହୋଇଛି । ସେହିପରି ଯେଉଁ ୬ଥର ମତଦାନ ହ୍ରାସ ପାଇଛି, ସେଥିରୁ ୪ ଥର ସରକାର ପରିବର୍ତ୍ତନ ଘଟିଛି ।

କେନ୍ଦ୍ରରେ ଜନତା ପାର୍ଟି ସରକାର କ୍ଷମତାସୀନ ଥିବାବେଳେ ୧୯୮୦ ମସିହାରେ ଅନୁଷ୍ଠିତ ହୋଇଥିଲା ସାଧାରଣ ନିର୍ବାଚନ । ସେତେବେଳେ ଭୋଟ ହାର ୩.୫୭% ହ୍ରାସ ଶାସକ ଜନତା ପାର୍ଟି ପାଇଁ ଅଭିଶାପ ପାଲଟିଥିଲା । ଦେଶର ମାତ୍ର ୫୬,୦୨% ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିଲେ ଓ ନିର୍ବାଚନ ଫଳ କଂଗ୍ରେସ ସପକ୍ଷରେ ଯାଇଥିଲା । ସଂଖ୍ୟା ଗରିଷ୍ଠତା ସହ କଂଗ୍ରେସ ସରକାର ଗଢ଼ିଥିଲା ।

୧୯୮୯ ମସିହାରେ ଅନୁରୂପ ଘଟଣାର ପୁନରାବୃତ୍ତି ହୋଇଥିଲା । ଭୋଟ ହାର ମାତ୍ର ୬୧,୯୫% ରହିଥିଲା ଓ ପୂର୍ବ ନିର୍ବାଚନଠାରୁ ଏହା ୨.୦୬% ହ୍ରାସ ପାଇଥିଲା । କ୍ଷମତାସୀନ କଂଗ୍ରେସ ଦଳ ପରାଭବର ସମ୍ମୁଖୀନ ହୋଇଥିଲା । ଓ କେନ୍ଦ୍ରରେ ସରକାର ପରିବର୍ତ୍ତନ ଘଟିଥିଲା । କ୍ଷମତାକୁ ଜନତା ଦଳ ପୁଣି ପ୍ରତ୍ୟାବର୍ତ୍ତନ କରିଥିଲା । ୧୯୯୧ ମସିହାରେ ଭୋଟ ହାର ହ୍ରାସ ପୁଣି କେନ୍ଦ୍ରରେ କ୍ଷମତାସୀନ ରାଜନୈତିକ ଦଳ ପାଇଁ ଅହିତକର ସାବ୍ୟସ୍ତ ହୋଇଥଲଶ । ୫.୨୨% ଭୋଟ ହାର ହ୍ରାସ ଯୋଗୁଁ ଜନତା ଦଳ କ୍ଷମତା ହରାଇଥିଲା ଓ କଂଗ୍ରେସ ପୁନର୍ବାର କ୍ଷମତାସୀନ ହୋଇଥିଲା । ଅନୁରୂପ ଭାବରେ ୨୦୦୪ ମସିହାରେ ଦେଶରେ ମତଦାନ ହାର ମାତ୍ର ୫୮,୦୭%ରେ ଅଟକି ଯାଇଥିଲା । ପୂର୍ବ ନିର୍ବାଚନଠାରୁ ଭୋଟ ହାର ୨% କମିଥିଲା ଓ ଲୋକପ୍ରିୟ ବାଜପେୟୀ ସରକାରର ପତନ ଘଟିଥିଲା ଓ କ୍ଷମତାସୀନ ହୋଇଥିଲା କଂଗ୍ରେସ ନେତୃତ୍ୱାଧୀନ ୟୁପିଏ । ଚଳିତ ନିର୍ବାଚନରେ ଦୁଇଟି ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହୋଇଛି ଓ ବିଭିନ୍ନ ରାଜ୍ୟରେ ମତଦାନ ହାର ଯଥେଷ୍ଟ ହ୍ରାସ ଘଟିଛି । ରିପୋର୍ଟ ଅନୁସାରେ ୫୧ଟି ଲୋକସଭା କ୍ଷେତ୍ରରେ ୦-୩% ପର୍ଯ୍ୟନ୍ତ ମତଦାନ ହ୍ରାସ ପାଇଥିବାବେଳେ ୪୩ଟି ଲୋକସଭା ଅଞ୍ଚଳରେ ୩%ରୁ ୫% ପର୍ଯ୍ୟନ୍ତ ମତଦାନ ହାର କମିଛି । ୪୧ଟି ଲୋକସଭା କ୍ଷେତ୍ରରେ ୫%ରୁ ୭% ପର୍ଯ୍ୟନ୍ତ କମ୍ ମତଦାନ ହୋଇଛି । ୨୪ଟି ଲୋକସଭା ଆସନରେ ୭ରୁ ୧୦% ପର୍ଯ୍ୟନ୍ତ ଓ ୧୧ଟି ଲୋକସଭା ଆସନରେ ୧୦%ରୁ ଊର୍ଦ୍ଧ୍ୱ କମ୍ ମତଦାନ ହୋଇଛି । ଏହା ହିଁ କେନ୍ଦ୍ରରେ କ୍ଷମତାସୀନ ରାଜନୈତିକ ଦଳ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି ।

ମତଦାନ ହାର ହ୍ରାସ ପାଇଁ ଯଦିଓ ବିଭିନ୍ନ କାରଣ ଥିବା କୁହାଯାଉଛି, ଏହା ମଧ୍ୟରୁ ତାପମାତ୍ରା ବୃଦ୍ଧିକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି । ଭାରତୀୟ ପାଣିପାଗ ବିଭାଗ ଏପ୍ରିଲ-ଜୁନ୍ ମଧ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆଲର୍ଟ ଜାରି କରିଛି । ଦେଶର ଅଧିକାଂଶ ଅଞ୍ଚଳରେ ତାପମାତ୍ରା ସ୍ୱାଭାବିକଠାରୁ ୪ରୁ ୬ ଡ଼ିଗ୍ରୀ ଉପରେ ରହିଛି । ଉତ୍ତରାଖଣ୍ଡ ପରି ପାହାଡ଼ିଆ ରାଜ୍ୟରେ ମଧ୍ୟ ତାପମାତ୍ରା ରେକର୍ଡ଼ ଭାଙ୍ଗିଛି । ଏପ୍ରିଲ-ଜୁନ ମଧ୍ୟରେ ୨୦ ଦିନ ପର୍ଯ୍ୟନ୍ତ ବହିବାର ଆଶଙ୍କା ସୃଷ୍ଟି ହୋଇଛି । ଯଦିଓ ତାପମାତ୍ରା ବୃଦ୍ଧି ସହ ମତଦାନର ସିଧାସଳଖ ସମ୍ପର୍କ ନାହିଁ, ତଥାପି ଅଧୁକାଂଶ ସ୍ଥାନରେ ଭୋଟର ଗରମରେ ମତଦାନ ପାଇଁ ଆଗ୍ରହ ପ୍ରକାଶ କରୁ ନଥିବା କୁହାଯାଉଛି । ସହରାଞ୍ଚଳରେ ଭୋଟରମାନଙ୍କର ଉଦାସୀନତା ଭୋଟ ହାର ହ୍ରାସର ଅନ୍ୟତମ ପ୍ରମୁଖ କାରଣ ବୋଲି କୁହାଯାଉଛି । ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ସହରଗୁଡ଼ିକରେ ମଧ୍ୟବିତ୍ତ, ଉଚ୍ଚ ମଧ୍ୟବିତ୍ତ ଓ ଧନୀ ଭୋଟରମାନେ ମତଦାନ ନିମନ୍ତେ ଆଗ୍ରହ ଆଗ୍ରହ ପ୍ରକାଶ କରୁ ନାହାନ୍ତି ।

ଦେଶର ଅର୍ଥନୀତିକୁ ବଡ଼ ଯୋଗଦାନ ଦେଉଥିବା ଏହି ଆୟକରଦାତାମାନେ ସେମାନଙ୍କ ପାଇଁ ସରକାର କିଛି କରିନାହିଁ ବୋଲି ଅନୁଭବ କରୁଛନ୍ତି । ସେହିପରି ଏହି ବର୍ଗର ଲୋକମାନେ ନିଜ ଆୟର ଏକ ବଡ଼ ଅଂଶ ଖର୍ଚ୍ଚ କରିଥାଆନ୍ତି ଓ ଏ ବାବଦରେ ବିପୁଳ ପରିମାଣର ଜିଏସ୍‌ଟି ପ୍ରଦାନ କରୁଛନ୍ତି । ତେଣୁ ସେମାନେ ଭୋଟ ପ୍ରଦାନରେ ଆଗ୍ରହ ପ୍ରକାଶ କରୁନାହାନ୍ତି । ସ୍ଥାନୀୟ ପ୍ରସଙ୍ଗରେ ଅସନ୍ତୋଷ ଭୋଟରମାନଙ୍କୁ ମତଦାନରୁ ବିରତ କରିଛି । ପ୍ରଥମ ପର୍ଯ୍ୟାୟରେ ନାଗାଲାଣ୍ଡର ୬ ଜିଲ୍ଲାରେ ଗୋଟିଏ ବି ଭୋଟ ଗ୍ରହଣ ହୋଇପାରିଲା ନାହିଁ । ସୀମାନ୍ତ ନାଗାଲାଣ୍ଡ କ୍ଷେତ୍ର ଦାବି କରି ସ୍ଥାନୀୟ ସଙ୍ଗଠନର ବନ୍ଦ ଦାବିକୁ ସମର୍ଥନ କରି ଲୋକମାନେ ଭୋଟ ଦେଲେ ନାହିଁ । ଫଳରେ ୨୦ ବିଧାୟକଙ୍କ ସମେତ ପ୍ରାୟ ୪ ଲକ୍ଷ ମତଦାତା ମତଦାନରେ ଅଂଶଗ୍ରହଣ କଲେ ନାହିଁ । ଅନୁରୂପ ଭାବରେ ପଶ୍ଚିମ ଉତ୍ତରପ୍ରଦେଶରେ ହିନ୍ଦୀ ଅଞ୍ଚଳ କୁହାଯାଉଥିବା କିଛି ଅଞ୍ଚଳରେ ଜାଠ୍ ଓ ରାଜପୁତଙ୍କ ମଧ୍ୟରେ ଅସନ୍ତୋଷ ଭୋଟ ହାର ହ୍ରାସ କରିଛି । ବିଭିନ୍ନ ଦଳର ପ୍ରାର୍ଥୀଙ୍କୁ ନେଇ ଅସନ୍ତୋଷ, ପ୍ରାର୍ଥୀମାନେ ପ୍ରଚାରକୁ ଗୁରୁତ୍ୱ ନ ଦେବା ଯୋଗୁଁ ଏପରି ସ୍ଥିତି ଉପୁଜିଛି ।

ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜାତୀୟ ନିର୍ବାଚନ କମିଶନଙ୍କ ପ୍ରତି ଭରସା ହ୍ରାସ । ସିଏସ୍‌ଏସ୍- ଲୋକନୀତି ସର୍ବେକ୍ଷଣ ଅନୁସାରେ ନିର୍ବାଚନ କମିଶନଙ୍କ ପ୍ରତି ଭୋଟରଙ୍କ ଭରସା ଓ ବିଶ୍ୱାସ କମୁଛି ।୨୦୧୯ ନିର୍ବାଚନ ପରେ ଅନୁଷ୍ଠିତ ଏକ ସର୍ଭେରେ ୫୦%ରୁ ଊର୍ଦ୍ଧ୍ୱ ଭୋଟର ଜାତୀୟ ନିର୍ବାଚନ କମିଶନଙ୍କ ଉପରେ ଭରସା ପ୍ରକଟ କରିଥିଲେ । ମାତ୍ର ଏହା ୨୦୨୪ରେ ୨୪%କୁ ହ୍ରାସ ପାଇଛି । ଏପରିକି ୧୪% ଲୋକ ବେଶୀ ଭରସା ନାହିଁ ବୋଲି କହିଥିବାବେଳେ ୯% ଆଦୌ ଭରସା ନ ଥିବା କହିଛନ୍ତି ।



# ହିନ୍ଦୁ ଧର୍ମର ଅସାଧାରଣ ଅବଦାନ

ମହାତ୍ମା ଗାନ୍ଧୀ

ଅହିଂସାର କଥା ସବୁ ଧର୍ମରେ ଅଛି ସତ, ମାତ୍ର ହିନ୍ଦୁ ଧର୍ମରେ ତାହା ସର୍ବୋଚ୍ଚ ଅଭିବ୍ୟକ୍ତି ଲାଭ କରିଛି ଏବଂ ସର୍ବୋତ୍ତମଭାବରେ ତାହାର ପ୍ରୟୋଗ ହୋଇଛି । (ଜୈନ ଧର୍ମ ଏବଂ ବୌଦ୍ଧ ଧର୍ମକୁ ମୁଁ ହିନ୍ଦୁ ଧର୍ମଠାରୁ ସ୍ୱତନ୍ତ୍ର ବୋଲି ଦେଖୁ ନାହିଁ ।)

କେବଳ ସକଳ ମାନବଜୀବନକୁ ନୁହେଁ, ମାତ୍ର ଜୀବନ ଧାରଣ କରି ରହିଥିବା ସକଳ ସତ୍ତାର ଏକତ୍ୱରେ ହିନ୍ଦୁ ଧର୍ମ ବିଶ୍ୱାସ କରେ । ମୋ' ମତରେ, ହିନ୍ଦୁ ଧର୍ମରେ ଗୋପୂଜାର ଯେଉଁ ରୀତିଟି ରହିଛି, ଲୋକୋପକାରବାଦର ବିବର୍ତ୍ତନରେ ତାହା ହେଉଛି ସେହି ଧର୍ମର ଏକ ଅସାଧାରଣ ଅବଦାନ । ସକଳ ଜୀବନର ଐକ୍ୟ ଏବଂ ତେଣୁ ସକଳ ଜୀବନର ପବିତ୍ରତା ଉପରେ ବିଶ୍ୱାସଟିକୁ ଏହା ଦ୍ୱାରା ବ୍ୟବହାରିକଭାବରେ ପ୍ରୟୋଗ କରାଯାଇଛି । ପୁନର୍ବାର ଜନ୍ମ ଗ୍ରହଣ କରିବାର ମହାନ୍ ରୀତିଟି ମଧ୍ୟ ସେହି ବିଶ୍ୱାସର ଗୋଟିଏ ପ୍ରତ୍ୟକ୍ଷ ପରିଣାମ । ସର୍ବଶେଷରେ, ବର୍ଣ୍ଣାଶ୍ରମ ଧର୍ମର ଆବିଷ୍କାରକୁ ବି ସତ୍ୟ ଲାଗି ସେହି ଅବିରାମ ଅନ୍ୱେଷଣର ହିଁ ଏକ ମହିମାମୟ ପରିଣାମ ବୋଲି କୁହାଯିବ ।

ହିନ୍ଦୁ ଧର୍ମର କେଉଁଠାରୁ ମୁଁ ଅହିଂସାକୁ ଖୋଜି ବାହାର କରିଛି ବୋଲି ମୋତେ ପଚରା ଯାଇଛି । ଅହିଂସା ହିନ୍ଦୁ ଧର୍ମରେ ଅଛି, ଏହା ଖ୍ରୀଷ୍ଟିଆନ୍ ଧର୍ମରେ ଏବଂ ଇସ୍‌ଲାମରେ ରହିଛି । ତୁମେ ମୋ' ସହିତ ଏକମତ ହୁଅ ବା ନହୁଅ, ମୋ' ମତରେ ସତ୍ୟକୁ ମୁଁ ଯେପରି ଦେଖୁଛି ବୋଲି ବିଶ୍ୱାସ କରୁଛି, ତାହାକୁ ପ୍ରଚାର କରିବା ହେଉଛି ମୋ'ର ପରମ କର୍ତ୍ତବ୍ୟ । ଅହିଂସା ଯେ କେବେହେଲେ କାହାକୁ ଭୀରୁ କରି ପକାଇ ନାହିଁ, ମୋ'ର ସେ ବିଷୟରେ ଆଦୌ କୌଣସି ସନ୍ଦେହ ନାହିଁ ।

ପବିତ୍ର କୋରାନ୍ ଗ୍ରନ୍ଥରେ ସତ୍ୟାଗ୍ରହ ଲାଗି ଯଥେଷ୍ଟ ଉଦ୍‌ବୋଧନ ରହିଛି ବୋଲି ହରିସାହେବ ମୋତେ ନିର୍ଭର ଜବାବ ଦେଇ କହିଛନ୍ତି । କୋରାନ୍‌ର ଏହି ଅର୍ଥଟି ସହିତ ସେ ଏକମତ ହୋଇଛନ୍ତି ଯେ, କେତେକ ସୁନିର୍ଦ୍ଦିଷ୍ଟ ପରିସ୍ଥିତିରେ ହିଂସା ଲାଗି ଅନୁମତି ରହିଥିଲେ ମଧ୍ୟ, ହିଂସା ଅପେକ୍ଷା ଆତ୍ମସଂଯମ ହିଁ ଈଶ୍ୱରଙ୍କର ଅଧିକ ପ୍ରିୟ ଏବଂ ତାହା ହିଁ ପ୍ରେମର ବିଧାନ । ତାହା ହିଁ ସତ୍ୟାଗ୍ରହ । ହିଂସା ମନୁଷ୍ୟ ଭିତରେ ରହିଥିବା ଦୁର୍ବଳତାକୁ ହିଁ ଅନୁମୋଦନ ପ୍ରଦାନ କରିଥାଏ, ମାତ୍ର ସତ୍ୟାଗ୍ରହ ହେଉଛି ଯଥାର୍ଥ କର୍ତ୍ତବ୍ୟ । ଏପରିକି, ବ୍ୟବହାରିକ ଦୃଷ୍ଟିରୁ ବିଚାର କଲେ ମଧ୍ୟ, ହିଂସା ଯେ ଆଦୌ କିଛି ସୁଫଳ ଫଳାଏ ନାହିଁ ଓ ବରଂ କେବଳ ଅପରିମିତ ଅନିଷ୍ଟ ହିଁ ଘଟାଏ, ଏହି କଥାଟିକୁ ବୁଝିବା ଅତ୍ୟନ୍ତ ସହଜ ।

ମୋ'ର କେତେଜଣ ମୁସଲମାନ ବନ୍ଧୁ ମୋତେ କହିଛନ୍ତି ଯେ, ମୁସଲମାନମାନେ କଦାପି ଅବିମିଶ୍ରିତ ଅହିଂସାକୁ ସମର୍ଥନ କରିବେ ନାହିଁ । ସେମାନେ କହନ୍ତି ଯେ, ସେମାନଙ୍କ କ୍ଷେତ୍ରରେ ହିଂସା ଅହିଂସା ଭଳି ସମାନଭାବରେ ବିଧାନସମ୍ମତ ଓ ଆବଶ୍ୟକ । କେତେବେଳେ କେଉଁଟି ବ୍ୟବହାର କରାଯିବ, ତାହା ପରିସ୍ଥିତି ଉପରେ ହିଁ ନିର୍ଭର କରିବ । ଦୁଇଟି ଯାକର ବୈଧତାକୁ ପ୍ରମାଣ କରିବା ଲାଗି କୋରାନ୍‌ରୁ ସମର୍ଥନ ଆଣିବାର କୌଣସି ପ୍ରୟୋଜନ ନାହିଁ । ଯୁଗ ଯୁଗ ଧରି ପୃଥିବୀ ସେହି ସୁପରିଚିତ ମାର୍ଗଟିରେ ଯାତ୍ରା କରି ଆସିଛି । ପୃଥିବୀରେ ଅବିମିଶ୍ରିତ ହିଂସା ବୋଲି ଆଦୌ କୌଣସି ବସ୍ତୁ ନାହିଁ । ମାତ୍ର ମୁଁ ଅନେକ ମୁସଲମାନ ବନ୍ଧୁଙ୍କଠାରୁ ଶୁଣିଛି ଯେ, କୋରାନ୍ ପ୍ରକୃତରେ ଅହିଂସାର ବ୍ୟବହାର ବିଷୟରେ ଶିକ୍ଷା ଦେଇଛି, ତାହା ପ୍ରତିଶୋଧଠାରୁ ସହିଷ୍ଣୁତାକୁ ଉଚ୍ଚତର ସ୍ତରର ବୋଲି କହିଛି । ଇସ୍‌ଲାମ ଶବ୍ଦଟିର ଅର୍ଥ ହେଉଛି ଶାନ୍ତି, ଏବଂ ତାହା ହେଉଛି ଅହିଂସା । ବାଦଶା ଖାଁଙ୍କ ପରି ଆପଣାର ନମାଜ ଓ ରାମଜାନକୁ କେବେହେଲେ ଛାଡୁ ନଥିବା ଜଣେ ନିଷ୍ଠାପର ମୁସଲମାନ ଆପଣାର ଜୀବନଧର୍ମରୂପେ ସମ୍ପୂର୍ଣ୍ଣଭାବରେ ଅହିଂସାକୁ ଗ୍ରହଣ କରିଛନ୍ତି । ସେ ତାଙ୍କର ସେହି ଧର୍ମ ଅନୁସାରେ ପୂର୍ଣ୍ଣ ଭାବରେ ବଞ୍ଚନ୍ତି ନାହିଁ କହିଲେ ତାହା ଆଦୌ କୌଣସି ଉତ୍ତର ହିଁ ହେବ ନାହିଁ; ମୁଁ ମଧ୍ୟ ମୋ'ର ସେହି ଲଜ୍ଜାଟିକୁ ଜାଣିଛି ଯେ ମୁଁ ନିଜେ ମଧ୍ୟ ସେହି ଅନୁସାରେ ପୂର୍ଣ୍ଣଭାବରେ ବଞ୍ଚୁ ନାହିଁ । ଯଦି ଆମର କାର୍ଯ୍ୟଗୁଡ଼ିକ ମଧ୍ୟରେ କୌଣସି ପାର୍ଥକ୍ୟ ଥାଏ, ତେବେ ତାହା ଆଦୌ ପ୍ରକାରର ପାର୍ଥକ୍ୟ ନୁହେଁ, ତାହା ହେଉଛି କେବଳ ପରିମାଣର ପାର୍ଥକ୍ୟ । ମାତ୍ର, ପବିତ୍ର କୋରାନ୍ ଗ୍ରନ୍ଥରେ ଅହିଂସା ବିଷୟରେ ହୋଇଥିବା ଯୁକ୍ତିଗୁଡ଼ିକ ହେଉଛି ଏକ ପ୍ରକ୍ଷେପ ଏବଂ ମୋ'ର ମତକୁ ପ୍ରତିଷ୍ଠିତ କରିବା ଲାଗି ତାହାର ପ୍ରୟୋଜନ ନାହିଁ ।

ଅହିଂସା କେବଳ ଆହାର ବିଜ୍ଞାନର କୌଣସି ବିଷୟ ନୁହେଁ, ତାହା ଏହାଠାରୁ ଅନେକ ଅଧିକ ।ଜଣେ ବ୍ୟକ୍ତି କ'ଣ ଖାଉଛି ବା ପିଉଛି, ତାହାର ବିଶେଷ ମହତ୍ତ୍ୱ ନାହିଁ; ତାହା ପଛରେ ଯେଉଁ ଆତ୍ମନିଗ୍ରହ ଏବଂ ଆତ୍ମସଂଯମ ରହିଛି, ତାହାରି ମହତ୍ତ୍ୱ ହିଁ ରହିଛି । ତୁମ ଖାଦ୍ୟର ବସ୍ତୁଗୁଡ଼ିକୁ ବାଛିବାରେ ତୁମେ ଯେତେ ପାରୁଛ ସେତେ ସଂଯମର ଅଭ୍ୟାସ କରିପାର । ସେହି ସଂଯମ ଅବଶ୍ୟ କାମ୍ୟ, ଏପରିକି ଅତ୍ୟନ୍ତ ଆବଶ୍ୟକ ; ମାତ୍ର ତାହା ଅହିଂସାର କେବଳ ବାହାର ଗାରଟିକୁ ହିଁ ସ୍ପର୍ଶ କରିବ । ଜଣେ ବ୍ୟକ୍ତି ଆହାରର କ୍ଷେତ୍ରରେ ଉଦାର ହୋଇ ଏକ ପ୍ରଶସ୍ତ ବହୁଳତା ଲାଗି ଅନୁମତି ଦେଇପାରେ ମାତ୍ର ହୁଏତ ଅହିଂସାର ଏକ ମୂର୍ଖ ବ୍ୟକ୍ତିରୂପ ହୋଇ ରହିପାରେ ଏବଂ ଆମର ସମ୍ମାନ ଦାବି କରିପାରେ । କାରଣ ତାହାର ହୃଦୟ ହୁଏତ ପ୍ରେମରେ ଉଚ୍ଛୁଳି ଉଠୁଥାଇ ପାରେ ଏବଂ ଅନ୍ୟର ଦୁଃଖ ଦେଖିଲେ ବିଗଳିତ ହୋଇ ଯାଉଥାଇ ପାରେ । ତା' ଭିତରେ ହୁଏତ ଆଦୌ କୌଣସି ଉଗ୍ର କାମନା ମଧ୍ୟ ନଥାଇପାରେ । ଅନ୍ୟ ପକ୍ଷରେ, ଆଉ ଜଣେ ବ୍ୟକ୍ତି ହୁଏତ ସର୍ବଦା ଆହାର ବିଷୟରେ ଅତିବିବେକୀ ହୋଇପାରେ ମାତ୍ର ତେଣେ ଅହିଂସା ବିଷୟରେ ସଂପୂର୍ଣ୍ଣ ଅଜ୍ଞ ରହିପାରେ ଏବଂ, ଯଦି ସେ ସ୍ୱାର୍ଥପରତା ଏବଂ କାମନାଚୟର ଦାସ ହୋଇ ରହିଥାଏ ଏବଂ ତା'ର ହୃଦୟ କଠିନ ହୋଇଥାଏ, ତେବେ ତାକୁ ଜଣେ ଦୟନୀୟ ପତିତ ମନୁଷ୍ୟ ବୋଲି ହିଁ କୁହା ଯାଇପାରେ ।

ପାର୍ଥିବ ଓ ଅପାର୍ଥିବ ଯାବତୀୟ ଅନ୍ୟ ବସ୍ତୁର ତୁଳନାରେ ଅହିଂସା ଲାଗି ରହିଥିବା ମୋ'ର ଶ୍ରଦ୍ଧା ହେଉଛି ଅନେକ ଅଧିକ । କେବଳ ସତ୍ୟ ପ୍ରତି ରହିଥିବା ମୋ'ର ଶ୍ରଦ୍ଧା ସହିତ ତାହାକୁ ସମତୁଲ କରା ଯାଇ ପାରିବ ; ମୋ'ଲାଗି ସତ୍ୟ ଓ ଅହିଂସା ଦୁଇଟି ସମବାଚୀ ଶବ୍ଦ ଏବଂ କେବଳ ଅହିଂସାର ମାଧ୍ୟମରେ ହିଁ ମୋତେ ସତ୍ୟର ଦର୍ଶନ ମିଳିବ ଓ ମୁଁ ସେଠାରେ ଯାଇ ପହଞ୍ଚି ପାରିବି ।

ଅହିଂସା ବ୍ୟତୀତ ଅନ୍ୟ କୌଣସି ବାଟରେ ସତ୍ୟର ଅନ୍ୱେଷଣ କିମ୍ବା ଆବିଷ୍କାର ସମ୍ଭବ ହେବ ନାହିଁ । ଅହିଂସା ଏବଂ ସତ୍ୟ ପରସ୍ପର ସହିତ ଏପରି ଗଅଁଠା ହୋଇ ରହିଛନ୍ତି ଯେ, ସେହି ଉଭୟଙ୍କୁ ଅଲଗା କରିବା ବସ୍ତୁତଃ ସମ୍ପୂର୍ଣ୍ଣ ଅସମ୍ଭବ । ଦୁହେଁ ହେଉଛନ୍ତି ଗୋଟିଏ ମୁଦ୍ରାର ଦୁଇ ପାଖ ପରି ବା ଏକ ଚିକ୍କଣ, ମାର୍କା ନଦିଆ ଯାଇଥବା ଧାତୁନିର୍ମିତ ଚକ୍ରର ଦୁଇ ପାର୍ଶ୍ୱ ପରି । ସେଥିରେ କେଉଁଟି ଏପାଖ ଏବଂ କେଉଁଟି ଓଲଟା ପାଖ ବୋଲି କିଏ କହି ପାରିବ ? ତଥାପି, ଅହିଂସା ହେଉଛି ମାର୍ଗ, ଏବଂ ସତ୍ୟ ହେଉଛି ଲକ୍ଷ୍ୟ । ବାଟଟି ବାଟ ହୋଇ ପାରିବା ନିମନ୍ତେ ସର୍ବଦା ଆମ ପହୁଞ୍ଚ ଭିତରେ ରହିଥିବା ଉଚିତ । ଏଣୁ, ଅହିଂସା ହେଉଛି ଆମର ପରମ କର୍ତ୍ତବ୍ୟ । ଯଦି ଆମେ ବାଟଟିକୁ ଚାଲିବା ବିଷୟରେ ଆମର କର୍ତ୍ତବ୍ୟ କରିପାରିବା, ତେବେ ଶୀଘ୍ର ହେଉ ଅଥବା ବିଳମ୍ବରେ ହେଉ, ଆମେ ଅବଶ୍ୟ ଲକ୍ଷ୍ୟରେ ଯାଇ ପହଞ୍ଚି ପାରିବା । ଆମ୍ଭେମାନେ ଥରେ ଯଦି ଏହି କଥାଟିକୁ ହୃଦୟଙ୍ଗମ କରି ପାରିବା, ତେବେ ଶେଷ ବିଜୟ ହାସଲ କରିବା ବିଷୟରେ ଆଉ କଦାପି କୌଣସି ସଂଶୟ ରହିବ ନାହିଁ ।

ଅହିଂସା ଲକ୍ଷ୍ୟ ନୁହେଁ । ସତ୍ୟ ହେଉଛି ଲକ୍ଷ୍ୟ । ମାତ୍ର ଅହିଂସାର ଆଚରଣ ବ୍ୟତୀତ ନିଜର ମାନବୀୟ ସମ୍ବନ୍ଧଗୁଡ଼ିକରେ ସତ୍ୟର ଉପଲବ୍ଧି ପାଇଁ ଆଉ ଅନ୍ୟ କୌଣସି ବାଟ ନାହିଁ । ଅବିଚଳ ଅହିଂସାର ଅନୁସରଣ କରିପାରିଲେ ଆମେ ଅନିବାର୍ଯ୍ୟଭାବରେ ସତ୍ୟରେ ଯାଇ ପହଁଞ୍ଚି ପାରିବା, ହିଂସା ଦ୍ୱାରା କଦାପି ପାରିବା ନାହିଁ । ତେଣୁ, ମୁଁ ଅହିଂସାକୁ ବ୍ରତରୂପେ ଗ୍ରହଣ କରିଛି । ସତ୍ୟ ମୋ' ପାଖକୁ ସ୍ୱାଭାବିକଭାବରେ ହିଁ ଆସିଥୁଲା ; ଏକ ସଂଗ୍ରାମ ପରେ ଯାଇ ମୁଁ ଅହିଂସାକୁ ପାଇଲି ।

ମାତ୍ର, ଅହିଂସା ମାର୍ଗ ହୋଇଥିବାରୁ, ଆମର ଦୈନନ୍ଦିନ ଜୀବନରେ ତାହାରି ସହିତ ହିଁ ଆମକୁ ଅଧିକ ପରିମାଣରେ ସଂପୃକ୍ତ ହୋଇ ରହିବାକୁ ହେବ । ତେଣୁ, ଆମର ଜନସାଧାରଣଙ୍କୁ ଅହିଂସାରେ ହିଁ ପ୍ରଶିକ୍ଷିତ କରାଇବାକୁ ପଡ଼ିବ । ତା'ପରେ ଅତ୍ୟନ୍ତ ସ୍ୱାଭାବିକଭାବରେ ସତ୍ୟରେ ମଧ୍ୟ ସେମାନଙ୍କର ପ୍ରଶିକ୍ଷଣ ହୋଇଯିବ ।

# ସର୍ବେଦ

ପନ୍ଥ ବିନା ପାଓ୍ୱନ ଚଲେ,
ବସତ ୱିଦେହୀ ଦେଶ ।
ହଁସ ରୂପ ମୋତୀ ଚୁଁଗେ, ଦୁର୍ଲଭ
ସଦ୍‌ଗୁରୁ ଦେଶ ॥୨୬॥

ଭାଷ୍ୟ - ପ୍ରାକୃତିକ ମାର୍ଗ ବିନା ଜ୍ଞାନ ଦ୍ୱାରା ସୁରତି ନିଜ ଲକ୍ଷ୍ୟକୁ ପ୍ରାକୃତିକ ସାଧନଶୂନ୍ୟ ହୋଇଚାଲେ ଆଉ ପ୍ରାକୃତିକ ବିଦେହ ଆତ୍ମା ସେହି ପ୍ରଦେଶରେ ନିବାସ କରେ ତଥା ଶୁଦ୍ଧ ରୂପରେ ଶବ୍ଦାମୃତ ରୂପୀ ମୋତି ଅର୍ଥାତ୍ ପରମାନନ୍ଦର ଉପଭୋଗ କରିଥାଏ । ଏହା ବହୁ କଷ୍ଟରେ ସଦ୍‌ଗୁରୁଙ୍କର ଧାମକୁ ପ୍ରାପ୍ତ ହୁଏ । ପ୍ରକୃତି ମଣ୍ଡଳରେ ଅନେକ ପଥ ରହିଛି । ସେଥିପାଇଁ ଏହି ଦୋହାରେ ବିନା ପଥରେ ଚାଲିବା ବିଷୟରେ କୁହାଯାଇଛି । ଆତ୍ମା ଶୁଦ୍ଧ ସ୍ୱରୂପରେ ପରମାନନ୍ଦ ରୂପୀ ମୋତିକୁ ଚୟନ କରିଥାଏ, ପ୍ରାକୃତିକ ଦେହରେ ନୁହେଁ, ସେଥିପାଇଁ ଆତ୍ମାକୁ ବିଦେହୀ ବୋଲି କୁହାଯାଇଛି । ବିଦେହୀ ଆତ୍ମା ହିଁ ଶୁଦ୍ଧ ସ୍ୱରୂପରେ ମନମୁଗ୍ଧକର ପରମାନନ୍ଦକୁ ଉପଭୋଗ କରିଥାଏ ।

ଅଗମ ଅଗୋଚର ପନ୍ଥ ହୈ,
ଧୀର ୱୀର ବନ ଜାୟ ।
କାୟର ନୀଚ ନ ଜାଓ୍ୱହୀଁ, ଜନମ
ମରଣ ଦୁଖ ପାୟ ॥୨୭॥



ଭାଷ୍ୟ - ପ୍ରକୃତି, ମନ, ବୁଦ୍ଧି ଏବଂ ବାଣୀର ଉପରେ ପ୍ରଭୁପ୍ରାପ୍ତିର ସତ୍‌ମାର୍ଗ ରହିଛି । ପୂର୍ଣ୍ଣ ଧୈର୍ଯ୍ୟବାନ୍ ପରାକ୍ରମୀ ହୋଇ ସେହି ବାଟରେ କେହି କେହି ଯାଇଥାନ୍ତି । ଅଳସୁଆ, ବିଷୟାଗ୍ରସ୍ତ ଜନ ସେଠାକୁ ଯାଆନ୍ତି ନାହିଁ । ସେମାନେ ସଂସାରର ବିଷୟ ଆଉ ଭୋଗ ପ୍ରଲୋଭନରେ ପଡ଼ି ଜନ୍ମ ମରଣ ଦୁଃଖକୁ ପ୍ରାପ୍ତ ହୋଇଥାନ୍ତି ।

କବ ଜାଓ୍ୱେଁ କବ ପହୁଚିହୈଁ, କବ
ଅନୁଭଓ୍ୱ ଦରଶାୟ ।
ଶ୍ରଦ୍ଧା ଉତକଟ ପ୍ରେମ ହୈ,
ଚଢ଼ତ ନିରନ୍ତର ଜାୟ ॥୨୮॥

ଭାଷ୍ୟ - କେବେ ଯିବି, କେବେ ପହଞ୍ଚିବି ଏବଂ କେବେ ଦର୍ଶନ ଅବା ସାକ୍ଷାତ୍କାର ହେବ ? ଏହାକୁ ଉତ୍କଟ ଶ୍ରଦ୍ଧା ଆଉ ପ୍ରେମ କହନ୍ତି । ଏହି ପ୍ରକାର ଅନୁରାଗୀ ଶ୍ରଦ୍ଧାଳୁ ଭକ୍ତ ଗୁରୁମାର୍ଗ ଦ୍ୱାରା ନିରନ୍ତର ନିଜ ଲକ୍ଷ୍ୟକୁ ପାଇବା ନିମନ୍ତେ ଅଗ୍ରସର ହୁଅନ୍ତି ।

ଚଲତ ଚଲତ ସବହୀ କହେ,
ପହୁଁଚେ ୱିରଲା କୋୟ ।
ଡୋରୀ ଲାଗୀ ପୁରୁଷ କୀ, ତନ
ମନ ତ୍ୟାଗ ସମୋୟ ॥୨୯॥

ଭାଷ୍ୟ - ମୁଁ ଗୁରୁଭେଦ ସାଧନ ଦ୍ୱାରା ଚାଲୁଛି - ଏପରି ସମସ୍ତ ସାଧକ କହିଥାନ୍ତି । ମାତ୍ର କୌଣସି ଜଣେ ଗୁରୁର ଅନନ୍ୟ ଶରଣଦାସ ହିଁ ସେହି ଭୂମିରେ ପହଞ୍ଚିଥାନ୍ତି । ମାୟାର ଜାଲ ଏବଂ ବିଷୟ ରଞ୍ଜନର ପ୍ରବୃତି ତଥା ମାନ ଆଉ ପ୍ରତିଷ୍ଠା ଭ୍ରମରେ ନ ପଡ଼ି ଅନଧିକାରୀ ଜନ ପତିତ ହୁଅନ୍ତି । ସେମାନେ ବାହ୍ୟ ଭେଷକୁ ଧାରଣ କରି ମନମୁଖୀ ହୋଇ ସଂସାର ଚକ୍ରରେ ବୁଡ଼ି ପକାଇଥାନ୍ତି, ସେମାନଙ୍କର ଜୀବନ ଶୁଦ୍ଧ ରୂପରେ ନ ହେବା କାରଣରୁ ସେମାନଙ୍କୁ ଆଧ୍ୟାତ୍ମିକତାର କିଂଚିତ ଲାଭ ସୁଦ୍ଧା ହୋଇ ନ ଥାଏ । ସେଥିପାଇଁ ସଚ୍ଚୋଟ ସଦ୍‌ଗୁରୁ ଭକ୍ତ ମନ ଏବଂ ଶରୀରର ଅଭିମାନକୁ ପରିତ୍ୟାଗ କରି ସତ୍‌ପରୁଷଙ୍କର ପ୍ରେମ ରଜ୍ଜୁ ଦ୍ୱାରା ଅବିଚଳ ସମାଧି ମଣ୍ଡଳରେ ପ୍ରବେଶ କରିଯାଆନ୍ତି ।

ଆଗେ ପିଛେ ଦେଖତେ, ଟାଲା
ଟୁଲୀ ଜାୟ ।
ଅଭିମାନୀ ଗୁରୁ ୱିମୁଖ ହୈ,
ସୋ କଓ୍ୱନେ ୱିଧି ଜାୟ ॥୩୦॥

ଭାଷ୍ୟ - ଆଗ ପଛ ହୋଇ ସମସ୍ତ ସଦ୍‌ଗୁରୁ ଚରଣାଶ୍ରୀତ ଭକ୍ତଜନ ନିଜ ପଥରେ ଅଗ୍ରସର ହୋଇ ଚାଲିଲେ ଓ ପହଞ୍ଚ ଗଲେ । ସଦ୍‌ଗୁରୁ ଶରଣରେ ରହିଥିବା ଭକ୍ତ ଶିଷ୍ୟ ଅବଶ୍ୟ ନିଜ ଲକ୍ଷ୍ୟକୁ ପ୍ରାପ୍ତ କରିନିଅନ୍ତି । ମାତ୍ର ମାନ, ପ୍ରତିଷ୍ଠା, ଧନ ଆଉ ବିଷୟାଦିରେ ଇଚ୍ଛୁକ, ଅଭିମାନୀଜନ ଯେଉଁମାନେ ଗୁରୁବିମୁଖୀ ହୋଇଯାଇଛନ୍ତି ସେମାନେ କେଉଁ ପ୍ରକାରେ ନିଜ ଲକ୍ଷ୍ୟକୁ ପ୍ରାପ୍ତ ହେବେ ? ସଦ୍‌ଗୁରୁ ବିମୁଖୀ, ମନମୁଖୀ ଆଉ ଅଭିମାନୀ ଜୀବର କେବେହେଲେ କଲ୍ୟାଣ ହୋଇ ନ ଥାଏ । ସେମାନେ ସଂସାରର ମାନ, ପ୍ରତିଷ୍ଠା ଆଉ ବିଷୟା ରାଗରେ ବାନ୍ଧିହୋଇ ଚୌରାଶୀ ଲକ୍ଷ ଯୋନିରେ ଭ୍ରମଣ କରି ଅଧୋଗତିକୁ ପ୍ରାପ୍ତ ହୋଇଥାନ୍ତି ।

ତାକ୍ଷଣ ମାରଗ ଜ୍ଞାନ କା, ସୁରତି
ନିରତି ପୈଠାର ।
ହଁସ ଦଶା ମେଁ ସହଲ ହୈ,
ସୁଗମ ସୁବୋଧ ୱିଚାର ॥୩୧॥

ଭାଷ୍ୟ - ସଦ୍‌ଗୁରୁଙ୍କର ଜ୍ଞାନମାର୍ଗ ଅତ୍ୟନ୍ତ ତୀକ୍ଷ୍ଣ ଅର୍ଥାତ୍ ସୂକ୍ଷ୍ମ ଅଟେ । ଆତ୍ମା ଶୁଦ୍ଧସ୍ୱରୂପରେ ଆସି ପୂର୍ଣ୍ଣଜ୍ଞାନ ଆଉ ଆଭ୍ୟନ୍ତର ବୋଧ ଦ୍ୱାରା ସୁରତି-ନିରତି ବଳରେ ସେହି ପରମାନନ୍ଦରେ ପ୍ରବେଶ କରିଥାଏ ।

# ଯାହାର ଶ୍ରଦ୍ଧା ଯେପରି, ତା'ର ବ୍ୟକ୍ତିତ୍ୱ ସେପରି

ସମସ୍ତ ମନୁଷ୍ୟଙ୍କ ଶ୍ରଦ୍ଧା ଅନ୍ତଃକରଣ ଅନୁରୂପ ହୋଇଥାଏ । ଏଇ ମନୁଷ୍ୟ ଶ୍ରଦ୍ଧାମୟ । ସେଥିପାଇଁ ଯିଏ ଯେପରି ଶ୍ରଦ୍ଧା ଯୁକ୍ତ, ତାହା ତା'ର ସ୍ୱରୂପ ଅର୍ଥାତ୍ ତାହା ତା'ର ନିଷ୍ଠା ଅଟେ । ସମସ୍ତ ପ୍ରାଣୀଙ୍କ ସ୍ୱରୂପ ତ ପରମାତ୍ମାଙ୍କ ଅଭିବ୍ୟକ୍ତି ମାତ୍ର, କିନ୍ତୁ ସଙ୍ଗତି ଅନୁସାର, ମାନସିକତା ଅନୁରୂପ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ବିଭିନ୍ନ ପ୍ରକାର ଗୁଣର ପ୍ରଧାନତା ହୋଇଯାଏ ଏବଂ ପୁଣି ତା'ର ଅନ୍ତଃକରଣ ସେହି ଅନୁରୂପ ତିଆରି ହୋଇଯାଏ, ଯାହାକୁ ଭଗବାନ ସାତ୍ତ୍ୱିକ, ରାଜସିକ ଓ ତାମସିକ କହିଛନ୍ତି । ଧ୍ୟାନ ସହକାରେ ଦେଖିଲେ ଅଧ୍ୟାତ୍ମ କ୍ଷେତ୍ରରେ ଯେତେ ସବୁ ଶକ୍ତି, ସାମର୍ଥ୍ୟ ଓ ବିଭୂତି ରହିଛି, ସେ ସବୁର ଆଧାର ଗୋଟିଏ ଶକ୍ତି ହିଁ ହୋଇଥାଏ ଏବଂ ସେହି ଶକ୍ତିର ନାମ ଶ୍ରଦ୍ଧା ।

ଲୋକମାନେ ଏକା ଭଳି ମନ୍ତ୍ରର ଜପ କରନ୍ତି, ସେମାନଙ୍କ ସାଧନାର ଶୈଳୀ ମଧ୍ୟ ଏକ ପ୍ରକାର ହୋଇଥାଏ, ସେମାନଙ୍କ ଗୁରୁ ମଧ୍ୟ ଜଣେ ହିଁ ହୋଇଥାନ୍ତି, ତଥାପି ସେମାନଙ୍କ ପ୍ରୟାସ ଗୁଡ଼ିକରେ ଓ ପ୍ରୟାସଗୁଡ଼ିକର ପରିଣାମରେ ଭିନ୍ନତା ହୋଇଯାଏ । ଏହି ଅନ୍ତର ଶ୍ରଦ୍ଧାର ଆଧାରରେ ଆସିଥାଏ ।

ପୁଣି ଏହି ଅନ୍ତର ବ୍ୟକ୍ତିର ଅନ୍ତଃକରଣରେ ସ୍ଥାପିତ ନିଷ୍ଠାର ଆଧାରରେ ବି ଆସିଥାଏ । ସେଥିପାଇଁ ବୁଦ୍ଧଙ୍କ ସହିତ ଜୀବନ ବିତାଇଥିବା ଆନନ୍ଦଙ୍କୁ ତାହା ମିଳି ପାରେ ନାହିଁ, ଯାହା ବୁଦ୍ଧଙ୍କ ସହିତ କ୍ଷଣିକ ପାଇଁ ରହିଥିବା ମକ୍‌ଖଲିଗୋଶାଳଙ୍କୁ ମିଳିଯାଏ । କୁହାଯାଏ ଯେ ଭଗବାନ ବୁଦ୍ଧଙ୍କୁ ମାତ୍ର କ୍ଷଣିକ ପାଇଁ ଚାହିଁ ଦେବାରୁ ମକ୍‌ଖଲି ଗୋଶାଳଙ୍କର ସମାଧି ଲାଗିଯାଇଥିଲା । ଏପରି ଘଟିବାର ଦେଖି ଆନନ୍ଦଙ୍କୁ ଖରାପ ଲାଗିଲା । ସେ ଭାବିଲେ – ମୁଁ ତ ନିରନ୍ତର ଭଗବାନ ବୁଦ୍ଧଙ୍କ ପାଖରେ ରହିଛି, ତାଙ୍କ ସାଙ୍ଗରେ ଚାଲିଛି, ତାହେଲେ ମଲିଗୋଶାଳଙ୍କୁ ଯାହା ମିଳିଲା, ତାହା ମୋତେ କାହିଁକି ମିଳିଲା ନାହିଁ । ଏପରି ଭାବି ଭଗବାନ ବୁଦ୍ଧଙ୍କ ଆଗରେ ସେ ନିଜର ଜିଜ୍ଞାସା ରଖେ ।

ପ୍ରତ୍ୟୁତ୍ତରରେ ଭଗବାନ ବୁଦ୍ଧ କହିଲେ- 'ଆନନ୍ଦ ! ଯେବେ ତୁମେ ପ୍ରଥମ ଦିନ ମୋ ପାଖକୁ ଆସିଥିଲ ତ ତୁମେ କ'ଣ ମାଗିଥିଲ ? ଏକଥା ଟିକେ ସ୍ମରଣ କର । ତୁମେ ମୋତେ ତିନିଟି କାମନା ପୂରଣ କରିବା ପାଇଁ କହିଥିଲ ଏବଂ ତାହା ମୁଁ ସର୍ବଦା ପୂରଣ କରିଛି ।'' ଭଗବାନ୍ ବୁଦ୍ଧ ଆନନ୍ଦଙ୍କୁ ସ୍ମରଣ କରାଇଦେଇ କହିଲେ- 'ଆନନ୍ଦ ! ତୁମେ କହିଥିଲ କି ମୁଁ ଯେଉଁ କକ୍ଷରେ ଶୋଇବି, ସେଠାରେ ତୁମକୁ ମଧ୍ୟ ଶୁଆଇବି । ଏହା ତୁମର ପ୍ରଥମ ଇଚ୍ଛା ଥିଲା ।''

ଭଗବାନ ବୁଦ୍ଧ କହିଲେ- 'ଆଉ ଆନନ୍ଦ ! ତୁମକୁ ମୁଁ ସର୍ବଦା ସାଙ୍ଗରେ ଶୁଆଇଛି । ଦ୍ୱିତୀୟରେ ତୁମେ ମାଗିଥିଲ ଯେ ତୁମେ ଯେଉଁ ପ୍ରଶ୍ନ ପଚାରିବ, ମୁଁ ତାହାର ଉତ୍ତର ଦେବି ତାହା ମଧ୍ୟ ସର୍ବଦା ମୁଁ ତୁମକୁ ଦେଇଛି । ତୃତୀୟରେ ତୁମେ ମାଗିଥିଲ କି ଯାହାକୁ ବି ତୁମେ ମୋ ସହିତ ଭେଟ କରାଇବାକୁ ଚାହିଁବ ମୁଁ ତା' ସହିତ ଭେଟ ହେବି, ଯାହାକି ମୁଁ ସର୍ବଦା ପୂରଣ କରିଛି । ଏବେ କୁହ, ଏ ତିନିଟି କାମନା ଭିତରେ ସମାଧି ଥିଲା କେଉଁଠି ? ତୁମେ ଯାହା ଚାହିଁଲ, ତାହା ମିଳିଲା, ସେ ଯାହା ଚାହିଁଲା, ତାକୁ ତାହା ମିଳିଲା ।''

ଭଗବାନ ବୁଦ୍ଧ ଆହୁରି ଆଗକୁ ଆନନ୍ଦଙ୍କୁ କହିଲେ– ଏ ସଂସାରରେ ଶିଷ୍ୟମାନେ ଚାରି ପ୍ରକାର ଘୋଡ଼ାଙ୍କ ପରି ହୋଇଥାନ୍ତି । କିଛି ଘୋଡ଼ା ଏପରି ହୋଇଥାନ୍ତି, ଯେଉଁମାନଙ୍କ ପାଇଁ ଇସାରା ଯଥେଷ୍ଟ ହୋଇଯାଏ । ଚୁଟ୍‌କି ବଜାଇବା ମାତ୍ରେ ଉଠି ଠିଆ ହୋଇଯାନ୍ତି । କେତେକଙ୍କୁ ଆଦରରେ କହିବାକୁ ପଡ଼େ । ଆଉ କିଛି ଶିଷ୍ୟଙ୍କୁ ଜୋର୍ କରି କହିବାକୁ ପଡ଼େ ଏବଂ ଆଉ କିଛି ଶିଷ୍ୟଙ୍କୁ ଧମକାଇବା, ବାଡ଼ିରେ ପିଟିବା ବି ଯଥେଷ୍ଟ ହୋଇ ନ ଥାଏ ।'' ଭଗବାନ ବୁଦ୍ଧ କହିଲେ– 'ଯେଉଁ ଘୋଡ଼ା ପାଇଁ ଚୁଟ୍‌କି ବଜାଇବା ଯଥେଷ୍ଟ, ସେ ଶୀଘ୍ର ଶିଖରରେ ପହଞ୍ଚି ଯାଏ । ସେହିପରି ଯେଉଁ ସାଧକ ପାଇଁ ଇସାରା ଯଥେଷ୍ଟ, ସେ ହିଁ ଶ୍ରଦ୍ଧାବାନ୍ ହୋଇଥାଏ ।'' ସେପରି ବ୍ୟକ୍ତିତ୍ୱଙ୍କ ପାଇଁ ଶ୍ରୀଭଗବାନ କହିଛନ୍ତି – ଶ୍ରଦ୍ଧାମୟଃ ଯଃ ପୁରୁଷ ଯଚ୍ଛଦ୍ଧଃ ସ ଏବ ସଃ ।

ଏଥିରୁ ସ୍ପଷ୍ଟ ଯେ ମନୁଷ୍ୟ ଶ୍ରଦ୍ଧା ପ୍ରଧାନ । ତା'ର ଶ୍ରଦ୍ଧା ଯେପରି ହେବ, ସେହିପରି ତା'ର ସ୍ୱରୂପ ହେବ । ତା' ଦ୍ୱାରା ଯେଉଁ ପ୍ରବୃତ୍ତି ହେବ, ତାହା ଶ୍ରଦ୍ଧାକୁ ନେଇ, ଶ୍ରଦ୍ଧା ଅନୁସାର ହିଁ ହେବ । ଯେଉଁ ମନୁଷ୍ୟ ଆତ୍ମକଲ୍ୟାଣ ପଥର ପଥିକ ହୋଇଥାଏ, ତା'ର ଶ୍ରଦ୍ଧା ସାତ୍ତ୍ୱିକ । ତାହା ଆମକୁ ପରମାତ୍ମାଙ୍କ ଦିଗରେ ନେଇଯାଏ । ଯାହା ଆମକୁ ସଂସାରରେ ନିରତ କରାଏ, ତାହା ରାଜସିକ ଓ ତାମସିକ ଶ୍ରଦ୍ଧା ହୋଇଯାଏ । ଯାହାର ମନ କେବଳ ସୁଖ, ସମ୍ପତ୍ତି, ସମ୍ପଦ ଓ ଭୋଗରେ ଲାଗିଛି, ତା'ର ଶ୍ରଦ୍ଧା ରାଜସିକ ଏବଂ ଯିଏ କେବଳ ପୈଶାଚିକ ପ୍ରବୃତ୍ତିଗୁଡ଼ିକରେ, ପାଶବିକ କାମନା ପୂରଣରେ ନିମଗ୍ନ, ତା'ର ଶ୍ରଦ୍ଧା ତାମସିକ ହୋଇଥାଏ ।

ସାତ୍ତ୍ୱିକ, ରାଜସିକ ଓ ତାମସିକ- ଏ ତିନିଟି ଗୁଣ ପ୍ରକୃତିର ଏବଂ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ବ୍ୟାପ୍ତ, କିନ୍ତୁ ଶ୍ରଦ୍ଧା ଅନ୍ତଃକରଣ ଅନୁରୂପ ହିଁ ହୋଇଥାଏ । ସେଥିପାଇଁ ଅନ୍ତଃକରଣରେ ସାତ୍ତ୍ୱିକ, ରାଜସିକ ବା ତାମସିକ ଯେଉଁ ଗୁଣର ପ୍ରଧାନତା ରହିଥାଏ, ସେହି ଗୁଣ ଅନୁସାର ଧାରଣା, ମାନ୍ୟତା ଆଦି ହୋଇଥାଏ ଏବଂ ତଦନୁସାର ଶ୍ରଦ୍ଧାର ନିର୍ମାଣ ହୋଇଥାଏ ।

## ଔଷଧୀୟ ଗୋଲମରିଚ

ସମସ୍ତଙ୍କ ରୋଷେଇ ଘରେ ବିଭିନ୍ନ ପ୍ରକାରର ମସଲା ମହଜୁଦ ଥାଏ । ଏହି ମସଲାକୁ ନିୟମିତ ବ୍ୟବହାର କରାଯାଉଥାଏ ସତ, କିନ୍ତୁ କେତେ ମାତ୍ରାରେ ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ ତାହା ଅନେକ ଜାଣି ନ ଥାଆନ୍ତି । ତା' ମଧ୍ୟରୁ ଗୋଲମରିଚ ଖୁବ୍ ସ୍ୱାସ୍ଥ୍ୟପ୍ରଦ । ଔଷଧୀୟ ଗୁଣରେ ଭରପୁର ଗୋଲମରିଚରେ ରୋଗ ପ୍ରତିରୋଧକ କ୍ଷମତା ରହିଛି । ଏହା ଶରୀରରେ ସଂକ୍ରମଣ ହେବାକୁ ଦିଏ ନାହିଁ । ଏଥିସହ କଫ, ପିତ୍ତ ଭଳି ସମସ୍ୟାକୁ ନିୟନ୍ତ୍ରିତ କରେ । ଯେ କୌଣସି ସାଧାରଣ ସ୍ୱାସ୍ଥ୍ୟ ସମସ୍ୟାରୁ ମଧ୍ୟ ମୁକ୍ତି ଦିଏ ।

କୋଷ୍ଠକାଠିନ୍ୟ ରୋଗୀଙ୍କ ପାଇଁ ପାଣି ସହ ଗୋଲମରିଚ ପିଇବା ଖୁବ୍ ଉପାଦେୟ । ଏଥିରୁ ମୁକ୍ତି ପାଇବା ପାଇଁ ଏକ କପ୍ ପାଣିରେ ଲେମ୍ବୁ ରସ ମିଶାଇ ଗୋଲମରିଚ ଗୁଣ୍ଡ ଓ ଲୁଣ ପକାଇ ପିଇବା ଦରକାର ।

ଉଷୁମ ପାଣିରେ ଗୋଲମରିଚ ସେବନ କଲେ ଶାରୀରିକ କ୍ଷମତା ବଢ଼ିଥାଏ । ଏଥିସହ ଶରୀରରେ ପାଣିର ଅଭାବକୁ ମଧ ନିୟନ୍ତ୍ରିତ କରେ । ଏହା ଶରୀର ଭିତରେ ଏସିଡିଟି ସମସ୍ୟାକୁ ମଧ ନଷ୍ଟ କରିପାରେ ।



ଯଦି ଶରୀରରେ ପାଣି ଅଭାବ ଥାଏ ତେବେ ଗୋଲମରିଚ ଗୁଣ୍ଡକୁ ଉଷୁମ ପାଣି ସହ ସେବନ କଲେ ଲାଭ ମିଳିପାରିବ । ଥକ୍କାପଣ ଦୂର ହେବା ସହ ତ୍ୱଚାରେ ରୁକ୍ଷତା ଦେଖିବାକୁ ପାଇବେ ନାହିଁ ।

ଏସବୁ ବାଦ୍ ଯଦି କୌଣସି ପ୍ରକାରର ଆଲର୍ଜି କିମ୍ବା ପୂର୍ବରୁ କିଛି ଔଷଧ ସେବନ କରୁଥାଆନ୍ତି, ତେବେ ଗୋଲମରିଚ ବ୍ୟବହାର ପୂର୍ବରୁ ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ ।

## ଟିକିଏ ହସନ୍ତୁ

ବଣ୍ଟି ଗୋପୀକୁ : ସାଙ୍ଗ କହିଲୁ ଦେଖି, ବିବାହିତ ପୁରୁଷ ଓ ଅବିବାହିତ ପୁରୁଷ ଭିତରେ କ'ଣ ଫରକ ଓ ସେମାନେ କ'ଣ କରିପାରନ୍ତି ।
ଗୋପୀ : ଅବିବାହିତ ପୁରୁଷ ପରିବର୍ତ୍ତନ ଆଣନ୍ତି । ଆଉ ବିବାହିତ ପୁରୁଷ ପରିବା... ।

× × ×

ଶିକ୍ଷକ : ଚନ୍ଦ୍ରପୃଷ୍ଠରେ ପ୍ରଥମେ କିଏ ପାଦ ପକାଇଥିଲେ ?
ପପୁ : ବାହୁବଳୀ ।
ଶିକ୍ଷକ : ଗଧ କୋଉଠି କାର ।
ବାହୁବଳୀ କେବେ ପାଦ ପକାଇଲା ?
ପପୁ : ସାର୍ ବୁଝି ପାରିଲେନି ବୋଧେ ।
ବାହୁ : ଆର୍ମ, ବଲୁ- ଷ୍ଟ୍ରଙ୍ଗ । ଅର୍ଥାତ୍ ଆର୍ମଷ୍ଟ୍ରଙ୍ଗ ।

× × × ×

ଫେସବୁକ୍‌ରେ ଜଣେ ଯୁବକ ଅଜଣା ଯୁବତୀଙ୍କ ସହ ଫ୍ରେଣ୍ଡଶିପ୍ କରି ଚାଟ୍ କରୁଥାଆନ୍ତି ।
ଯୁବତୀ : ଆପଣ କ'ଣ କାମ କରନ୍ତି ।
ଯୁବକ : ମୁଁ ତ ସୁପର ହିରୋ ।
ଯୁବତୀ : ସୁପରମ୍ୟାନ୍ ନା ସ୍ପାଇଡର ମ୍ୟାନ୍ ?
ଯୁବକ : ନା । ମୁଁ ଏକ ନୂଆ ସୁପରହିରୋ ।
ଯୁବତୀ : କୁହ ନା କ'ଣ ?
ଯୁବକ : ୱାଚମ୍ୟାନ୍ ।



× × × × × ×

ପୁଅ ଦେହ ଅସୁସ୍ଥ ହେବାରୁ ରାଜୁ ଡାକ୍ତରଙ୍କ ନିକଟକୁ ନେଇକି ଗଲା ।
ଡାକ୍ତର : ପିଲାକୁ ପାଣି ପିଆଇବା ପୂର୍ବରୁ ତାକୁ ଗରମ କରି ଦିଅନ୍ତୁ ।
ରାଜୁ : ଡାକ୍ତରବାବୁ, ତାକୁ ଫୁଟାଇଲେ ସେ ତ ମରିଯିବ ।

× × × × ×

ବିଦେଶ ଯାତ୍ରା କରି ମହେଶ ଘରକୁ ଆସି ତା' ସାଙ୍ଗଙ୍କୁ କହିଲା : ଆରେ ସାଙ୍ଗ ମୁଁ ବିଦେଶରୁ ଫେରିଲା ପରେ କ'ଣ ବିଦେଶୀ ଭଳି ଦେଖାଯାଉଛି କି ?
ସାଙ୍ଗ : ନା ତ ।
ମହେଶ : ତେବେ ଲଣ୍ଡନରେ ମୋତେ ଦେଖି ଜଣେ କହିଲେ ଏଇଟା ବିଦେଶୀ ।

× × × × ×

ଥରେ ଜଣେ ବ୍ୟକ୍ତି ଗାଡ଼ି ଚଳାଇ ଯାଉଥିବା ବେଳେ ପୋଲିସ ଧରିଲା । ଗାଡି ଚଲାଉଥିବା ବ୍ୟକ୍ତି ଜଣକ ପେସାରେ ଶିକ୍ଷକ ଥିଲେ ।
ଶିକ୍ଷକ : ମୋତେ ଛାଡିଦିଅ ମୋର ସ୍କୁଲ ଅଛି, ମୁଁ ଯାଉଛି ।
ପୋଲିସ୍ : ହା ହା ହା, ଆଜି ଆପଣଙ୍କୁ ମୁଁ ଛାଡିବିନି । କାରଣ ଠିକ୍ ମୁଁ ଏହିଦିନକୁ ଅପେକ୍ଷା କରିଥିଲି । ଏବେ ଆପଣ ଗୋଟେ କାଗଜରେ ୧୦୦ ଥର ଲେଖନ୍ତୁ ଯେ ମୁଁ ଟ୍ରାଫିକ୍ ନିୟମ ମାନିବି । ଏଇଟା ହେଉଛି ଆପଣଙ୍କର ପନିଶମେଣ୍ଟ ।

# ବେଲପତ୍ରର ଉପକାରିତା

ଦେବଦେବ ମହାଦେବଙ୍କୁ ତ୍ରିଶାଖା ଯୁକ୍ତ ବେଲପତ୍ର ଚଢ଼ାଇବା ଫଳରେ ଶିବ ସନ୍ତୁଷ୍ଟ ହୋଇଥାନ୍ତି ।

କେବଳ ଶିବ ନୁହଁନ୍ତି ମାଁ ଦୁର୍ଗାଙ୍କୁ ମଧ ୧୦୮ ବେଲପତ୍ର ହାର ଅର୍ପଣ କଲେ ଦେବୀ ଦୁର୍ଗା ପ୍ରସନ୍ନ ହୋଇଥାନ୍ତି ।

କେବଳ ବେଲ ପତ୍ର ନୁହେଁ ଏହାର ଫଳ ମଧ ଖୁବ୍ କାମରେ ଆସିଥାଏ ।

ବେଲ ବୃକ୍ଷରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ବାସ କରନ୍ତି । ତେଣୁ ବେଲ ଗଛକୁ ପୂଜା କରିବା ଦ୍ୱାରା ତ୍ରିଦେବ ସନ୍ତୋଷ ଲାଭ କରିଥାନ୍ତି ।

ଅନ୍ୟପକ୍ଷରେ ବେଲ ଗଛରେ ସ୍ୱୟଂ ଶିବ ବାସ କରୁଥିବାର ମାନ୍ୟତା ରହିଛି । ଏହି ଗଛକୁ ପୂଜା କରିବା ଦ୍ୱାରା ଶିବଙ୍କ କୃପା ସର୍ବଦା ଲାଗି ରହିଥାଏ । ଜୀବନର ସବୁ କଷ୍ଟ ଦୂର ହୋଇଥାଏ ।

ଯଦି ଥଣ୍ଡା ଓ ଜ୍ୱର ହୋଇଥାଏ ତେବେ ବେଲପତ୍ର କାଢ଼ା ପିଇବା ଦ୍ୱାରା ଜ୍ୱର ଛାଡି ଯାଏ ।

ସେହିପରି ହୃଦୟ ରୋଗୀ ମଧ ପ୍ରତିଦିନ ବେଲ ପତ୍ର କାଢ଼ା ପ୍ରସ୍ତୁତ କରି ପିଇବାରେ ହୃଦୟ ସମସ୍ୟା ଦୂର ହୋଇଥାଏ ।

ମହୁମାଛି କାମୁଡିଲେ ଯଦି ଯନ୍ତ୍ରଣା ହେଉଥାଏ ତେବେ ସେହି ସ୍ଥାନରେ ବେଲପତ୍ର ରସ ଲଗାଇବା ଦ୍ୱାରା ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ ।

ଅର୍ଶ ରୋଗରୁ ମୁକ୍ତି ପାଇବା ଲାଗି ବେଲ୍ ଗଛର ଚେରକୁ ଆଣି ଏହାକୁ ଭଲ ଭାବରେ ବାଟି ଏହାର ରସରେ ମିଶ୍ରି ମିଶାଇ ପିଇବା ଫଳରେ ପୁରୁଣା ଅର୍ଶ ଭଲ ହୋଇଥାଏ ।

ସର୍ଦ୍ଦି, ଥଣ୍ଡାରୁ ରକ୍ଷା ପାଇବା ଲାଗି ବେଲପତ୍ରକୁ ବାଟି ଏଥିରେ ମହୁ ମିଶାଇ ପିଇବା ଦ୍ୱାରା ଖୁବ୍ ଉପକାର ହୋଇଥାଏ । ପିଲାଙ୍କ କୃମି ଦୋଷକୁ ଦୂର କରିବା ଲାଗି ବେଲପତ୍ର ବାଟି ନିୟମିତ ପିଆଇବା ଦ୍ୱାରା କୃମି ରୋଗ ଦୂର ହୋଇଥାଏ ।

ଏଥି ସହିତ ଛୋଟ ପିଲାଙ୍କ ତରଳ



ଝାଡା ହେଉଥିଲେ ଏକ ଚାମଚ ବେଲ ପତ୍ର ରସ ପିଆଇଲେ ସମସ୍ୟା ଦୂର ହୋଇଥାଏ । ବେଲପତ୍ରକୁ ବାଟି ଏହାକୁ ଦେହରେ ଲଗାଇବାର ଅଧ ଘଣ୍ଟା ପରେ ସ୍ନାନ କରିବା ଦ୍ୱାରା ଶରୀର ଦୁର୍ଗନ୍ଧ ଦୂର ହୋଇଥାଏ ।

ମହିଳା ଓ ପୁରୁଷଙ୍କ ଧାତୁ କ୍ଷୟକୁ ରୋକିବା ଲାଗି ବେଲପତ୍ର ଓ ଜିରାକୁ ବାଟି ଏହାକୁ କ୍ଷୀର ସହିତ ମିଶାଇ ପିଇବାରେ ଏହି ରୋଗରୁ ମୁକ୍ତି ମିଳିଥାଏ ।

ପ୍ରତିଦିନ ୩ଟି ବେଲପତ୍ର ସହିତ ଗୋଟିଏ ଗୋଲମରିଚକୁ ଖାଲିପେଟରେ ଚୋବାଇ ଖାଇବା ଦ୍ୱାରା ପିଲାଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କ ସ୍ୱାସ୍ଥ୍ୟ ଠିକ୍ ରହିଥାଏ ।

ମଧୁମେହ ରୋଗୀ ଶୁଖିଲା ବେଲପତ୍ର ଚୂର୍ଣ୍ଣକୁ ନିୟମିତ ଖାଇବା ଦ୍ୱାରା ରକ୍ତ ଶର୍କରା ନିୟନ୍ତ୍ରିତ ହୋଇଥାଏ ।

ବେଲପତ୍ରକୁ ବାଟି ଏହାକୁ ମୁହଁରେ ଲଗାଇବାର କିଛି ସମୟ ପରେ ଧୋଇ ଦେବାରେ ତ୍ୱଚା ଦାଗ ଓ ଚିହ୍ନ ଦୂର ହୋଇଥାଏ ।

# ଗର୍ଭବତୀଙ୍କ ମହୌଷଧି ତୁଳସୀ

ତୁଳସୀ ପୂଜା ପାଉଥିଲେ ହେଁ, ଏହା ବହୁ ରୋଗ ଦୂର କରେ । କୁହାଯାଏ କି ଗର୍ଭବତୀଙ୍କ ପାଇଁ ତୁଳସୀ ରାମବାଣ ସଦୃଶ ଗର୍ଭାବସ୍ଥାରେ ଏହାକୁ ନିୟମିତ ସେବନ କରିବା ଫଳରେ ସଂକ୍ରମଣର ଭୟ କମ୍ ରହେ । ତୁଳସୀ ପତ୍ରରେ ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ବେଶୀ । ଏହା ବ୍ୟତୀତ ରୋଗ ପ୍ରତିରୋଧକ କ୍ଷମତାକୁ



ମଧ ବୃଦ୍ଧି କରିବାରେ ସହାୟକ ହୋଇଥାଏ ।

ଏକ ଅଧ୍ୟୟନରୁ ଜଣାପଡିଛି ଯେ, ତୁଳସୀ ପତ୍ରରେ ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି ଭାଇରାଲ ଓ ଆଣ୍ଟି ଫଙ୍ଗାଲ ଗୁଣ ରହିଛି । ତୁଳସୀ ପତ୍ର ମ୍ୟାଗ୍ନେସିୟମର ଉତ୍ତମ ସ୍ରୋତ । ମା' ପେଟରେ ବଢୁଥିବା ଶିଶୁକୁ ବିକାଶରେ ଏହା ସହାୟକ ହୁଏ । ଏଥିରେ ଗଚ୍ଛିତ ମାଙ୍ଗାଜିନ ମାନସିକ ଚାପ ବା ବିଷାଦ କମ୍ କରିବାରେ ସାହାଯ୍ୟ କରେ ।

# ଅମୃତଭଣ୍ଡାର ଔଷଧୀୟ ଗୁଣ

ଅମୃତ ଭଣ୍ଡାରେ ଅନେକ ପ୍ରକାରର ଭିଟାମିନ୍ ସହିତ ରୋଗପ୍ରତିରୋଧକ ଶକ୍ତି ମଧ ରହିଛି । ପାଚିଲା ଅମୃତ ଭଣ୍ଡା ସାଙ୍ଗରେ ବଢୁଥିବା



ହୋଇଥିବା କିସମିସ୍ ଏବଂ ମହୁ ମିଶାଇ ପ୍ରତିଦିନ ସକାଳୁ ଖାଇଲେ ଯକୃତ କ୍ରିୟା ଠିକ୍ ହୋଇଥାଏ ।

ମୁହଁରେ କଳାଦାଗ ହେଲେ କିଛି ଦିନ ନିୟମିତ, ପାଚିଲା ଅମୃତଭଣ୍ଡାକୁ ମୁହଁରେ ଲଗାଇ କିଛି ସମୟ ପରେ ଧୋଇଲେ କଳାଦାଗ ନିଶ୍ଚିହ୍ନ ହୋଇଯାଏ ଓ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଏ ।

ପାଚିଲା ଅମୃତ ଭଣ୍ଡାରେ କିସ୍‌ମିସ୍, କ୍ଷୀର ଏବଂ ଚିନି ମିଶାଇ ଖାଇଲେ ମଳ ପରିଷ୍କାର ହୁଏ । କେବଳ ପାଚିଲା ଅମୃତ ଭଣ୍ଡା ନିୟମିତ ଖାଇଲେ କୋଷ୍ଠବଦ୍ଧତା ରୋଗର ଉପକାର ମିଳେ ।

# ରୋଗ ଉପଚାର ପାଇଁ ପୋଦିନା

ପୋଦିନା ଏକ ବାସ୍ନାଯୁକ୍ତ ପତ୍ର । ଚଟଣୀ ଠାରୁ ଆରମ୍ଭ କରି ତରକାରିର ସ୍ୱାଦ ବଢ଼ାଇବା ଲାଗି ଏହାକୁ କେବଳ ଉପଯୋଗ କରାଯାଇଥାଏ ତାହା ନୁହେଁ, ଆୟୁର୍ବେଦୀୟ କ୍ଷେତ୍ରରେ ମଧ ଏହାର ପତ୍ରକୁ ବହୁଳ ଭାବରେ ବ୍ୟବହାର କରାଯାଇଥାଏ । ପୋଦିନା ଏକ ସ୍ୱାସ୍ଥ୍ୟ ଉପଯୋଗୀ ପତ୍ର ହୋଇଥିବାରୁ ବିଭିନ୍ନ ରୋଗର ଉପଚାର ଲାଗି ଏହାର ପତ୍ରକୁ ବ୍ୟବହାର କରାଯାଇଥାଏ ।



ପୋଦିନା ପତ୍ରର ଚା' ପିଇବା ଫଳରେ ତୁରନ୍ତ ମୁଣ୍ଡବ୍ୟଥାରୁ ଆରାମ ମିଳିଥାଏ । ଏଥିସହ ମାଇଗ୍ରେନ ସମସ୍ୟା ଦୂର କରିବା ପାଇଁ ପୋଦିନା ବ୍ୟବହାର କରାଯାଇଥାଏ ।

ପୋଦିନା ପତ୍ର ଖାଇବା ଦ୍ୱାରା ପାଚନ ପ୍ରକ୍ରିୟା ଠିକ୍ ରହିଥାଏ । ଏସିଡିଟି, ପେଟ ଯନ୍ତ୍ରଣା, ଇନଫେକସନ ଓ କୋଷ୍ଠକାଠିନ୍ୟ ପରି ସମସ୍ୟାରୁ ମଧ ତୁରନ୍ତ ଉପଶମ ମିଳିଥାଏ ।

ମୁହଁରୁ ବାହାରୁଥିବା ଦୁର୍ଗନ୍ଧ ଦୂର କରିବା ପାଇଁ ପୋଦିନା ପତ୍ର ଚୋବାଇ ଖାଇଲେ ଉପକାର ମିଳିଥାଏ । ପୋଦିନା ପାଣିରେ କୁଳି କରିଲେ ବି ମୁଖ ଦୁର୍ଗନ୍ଧ ଦୂର ହୋଇଥାଏ ।

ପୋଦିନା ପତ୍ର ଖାଇଲେ ତ୍ୱଚା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାରୁ ମୁକ୍ତି ମିଳିଥାଏ ।

ଗରମ ଯୋଗୁଁ ଲୁ'ରୁ ରକ୍ଷା ପାଇବା ନିମନ୍ତେ ପୋଦିନା ପତ୍ର ବ୍ୟବହାର କରାଯାଇଥାଏ । ଏହାର ପତ୍ରକୁ ବାଟି ଦହି ସହିତ ମିଶାଇ ପିଇ ବାହାରକୁ ଯିବା ଫଳରେ ଲୁ'ରୁ ରକ୍ଷା ମିଳିଥାଏ ।

ପୋଦିନା ପତ୍ର, ପିଆଜ ରସ ଏକତ୍ର ମିଶାଇ ସେଥିରେ ଫାଳେ ଲେମ୍ବୁ ଚିପୁଡି ପିଇଲେ ହଇଜା ବା ତରଳ ଝାଡାରୁ ମୁକ୍ତି ମିଳିଥାଏ ।

ବାନ୍ତି ହେଉଥିଲେ ଅଧା କପ ପୋଦିନା ରସ ପିଇଲେ ତୁରନ୍ତ ଉପଶମ ମିଳିଥାଏ ।

ପୋଦିନାର ତାଜା ପତ୍ରକୁ ବାଟି ତ୍ୱଚାରେ ଲଗାଇବା ଦ୍ୱାରା ଏହା ଶରୀରକୁ ଥଣ୍ଡା ପ୍ରଦାନ କରିଥାଏ ।

# ସ୍ୱାସ୍ଥ୍ୟ ପାଇଁ ହିତକର କଲରା

ଆମେ ସମସ୍ତେ ଜାଣିଛେ କଲରାରେ ବହୁ ପରିମାଣର ଭିଟାମିନ୍ ମହଜୁଦ୍ ରହିଥାଏ, ଯାହାଦ୍ୱାରା ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ୍ ଆମକୁ ଅନେକ ପ୍ରକାରର ରୋଗରୁ ଉପଶମ ମିଳିଥାଏ ।



ମଧୁମେହ: ମଧୁମେହ ହୋଇଥିଲେ, ଦୈନିକ ୨୦ ଗ୍ରାମ୍ କଲରା ରସ ସକାଳେ ଖାଲିପେଟରେ ପିଇଲେ ୧ ମାସ ମଧରେ ମୂତ୍ର ଶର୍କରା ଓ ରକ୍ତ ଶର୍କରା ନିୟନ୍ତ୍ରଣ ହୁଏ ।

ଗଣ୍ଠିବାତ : କଲରାକୁ ଛାଞ୍ଚି ଏହାର ଶେଷ ଭାଗକୁ ନିଆଁରେ ରଖି ପୋଡିବ । ଶିଝିଗଲାପରେ ଏହାକୁ ବାହାର କରି ଛେଚି ସେଥିରେ ଟିକେ ଚିନି ମିଶାଇ ରୋଗୀଙ୍କୁ ଗରମ ଗରମ ଖୁଆଇ ଦେବେ । ପ୍ରତିଥର ୧୦ ଗ୍ରାମ ଲେଖାଏ ଖାଇବାକୁ ଦିଅନ୍ତୁ । ଏହିପରି ଭାବରେ ରୋଗୀକୁ ୧୦ ଦିନ ପର୍ଯ୍ୟନ୍ତ ଖୁଆଇବ । ଏହାଦ୍ୱାରା ସ୍ନାୟୁଗତ ବାତ, ସନ୍ଧିବାତ ଆଦିରେ ବିଶେଷ ଲାଭ ହୁଏ ଏବଂ ପୀଡ଼ାସ୍ଥାନରେ କଲରାର ରସ ବାହାର କରି ଲେପ କରୁଥିବେ ।

ଅନ୍ଧାରକଣା : ଏହାର ରସରେ ଗୋଲମରିଚ ଘୋରି ଆଖିର ଉପର ଓ ତଳ ପତାରେ ଲଗାଇଲେ ଭଲ ହୁଏ ।

ବାନ୍ତି ହେଉଥିଲେ : କଲରାର ୨/୩ ଟି ମଞ୍ଜି ସମଭାଗରେ ଗୋଲମରିଚ ସହିତ ଶିଳରେ ବାଟି ଅଳ୍ପ ପାଣିରେ ମିଶାଇ ଛାଣି ଟିକେ ଟିକେ ପିଆଇଲେ ପିଲାମାନଙ୍କର ଆଉ ବାନ୍ତି ହେବ ନାହିଁ ।

# ଆପଣ ଜାଣନ୍ତି କି ?

- ୧୭୬୪ ରେ ଭାରତର ବମ୍ବେଠାରେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ପ୍ରଥମ ଥର ଡାକଘର ପ୍ରତିଷ୍ଠା ହୋଇଥିଲା ।
- ୧ ଅକ୍ଟୋବର, ୧୮୫୪ ରେ ସର୍ବଭାରତୀୟ ସ୍ତରରେ ପ୍ରଥମ ଥର ପାଇଁ ଡାକ ଟିକଟ ଜାରି କରାଯାଇଥିଲା । ସ୍ୱାଧୀନ ଭାରତରେ ପ୍ରଥମେ ୨୧ ନଭେମ୍ବର, ୧୯୪୭ ରେ ଡାକ ଟିକଟ ଜାରି କରାଗଲା ।
- ୧୫ ଅଗଷ୍ଟ,, ୧୯୭୨ ରେ ପୋଷ୍ଟଲରେ ପିନକୋଡ ଓ ୧୮୮୦ ରେ ପ୍ରଥମେ ମନିଅର୍ଡର ବ୍ୟବସ୍ଥା ଆରମ୍ଭ ହୋଇଥିଲା ।
- ୧୮୬୫ ମସିହାରେ ତରଳ ସାବୁନ ବା ଲିକ୍ୱିଡ ସୋପ ପ୍ରସ୍ତୁତ କରିଥିଲେ ଆମେରିକାର ନାଗରିକ ୱିଲିୟମ ସେଫାର୍ଡ ।
- ଇଂଲଣ୍ଡରେ ୧୭୧୨ ମସିହାରେ ସାବୁନ ଉପରେ ଲାଗିଥିବା ଟ୍ୟାକ୍ସ, ଯାହାକୁ ୧୮୩୫ ରେ ପ୍ରତ୍ୟାହାର କରାଯାଇଥିଲା ।
- ୨୦୦୨ ମସିହାରେ ବ୍ରିଟେନରେ ସାବୁନ ଯୋଗୁଁ ହୋଇଥିବା ଦୁର୍ଘଟଣାରେ ୫୯୫ ଜଣଙ୍କର ମୃତ୍ୟୁ ଘଟିଥିଲା ।
- ଆମେରିକାର ଗ୍ୟାଙ୍ଗଷ୍ଟର ତଥା ଠକ ସୋପି ସ୍ମିଥ୍ ସାବୁନ ନାମ ଅନୁସାରେ ତା'ର ନାମ ରଖିବାର କାରଣ ସେ ପ୍ରଥମେ କେବଳ ସାବୁନ ତସ୍କରୀ କରୁଥିଲା ।
- ସାରା ବିଶ୍ୱରେ ପ୍ରଥମେ ବେବିଲୋନ ସଭ୍ୟତାର ଲୋକମାନେ ସାବୁନର ଆବିଷ୍କାର କରିଥିଲେ ।
- ଏହାର ବ୍ୟବହାର କରିଥିଲେ ଖ୍ରୀଷ୍ଟପୂର୍ବ ୨୮୦୦ ସମୟରୁ ।

# କହିପାରିବେ କି ?

(୧) ଭାରତର ଶେଷ ଗାଁର ନାମ କ'ଣ ?
(୨) ବିଲେଇ ଘାସ କାହିଁକି ଖାଏ ?
(୩) ନିକଟରେ ଆମେରିକାର ଲୁସିଆନା ହ୍ରଦ ଠାରେ କେଉଁ ଗୋଲାପି ରଙ୍ଗର ଜୀବ ଆବିଷ୍କାର କରାଯାଇଛି ?
(୪) ଆଫ୍ରିକୀୟ ହାତୀ ଏକାଥରକେ କେତେ ସମୟ ପହଁରି ପାରେ ?
(୫) କାଉ ଅନ୍ୟ ପ୍ରାଣୀଙ୍କର ଲାଞ୍ଜ କାହିଁକି ଟାଣେ ?
(୬) କେଉଁ ପକ୍ଷୀ ନିଜ ସାଥୀକୁ ଆକର୍ଷିତ କରିବା ପାଇଁ ନିଜ ପରକୁ ଉପରକୁ ଉଠାଇ ନୃତ୍ୟ କରିବା ସହ ଗୀତ ଗାଏ ?
(୭) ୧୬୦୦ ଶତାବ୍ଦୀରେ କେଉଁ ଫୁଲ ହଲାଣ୍ଡରେ ସୁନାର ମୂଲ୍ୟ ସଦୃଶ ବିକ୍ରୀ ହୋଇଥିଲା ?
(୮) ଭାରତ କେଉଁ ମହାଦେଶରେ ଅବସ୍ଥିତ ?
(୯) ଥାଇଲାଣ୍ଡର ରାଜଧାନୀର ନାମ କ'ଣ ?
(୧୦) ଆୟତନ ଅନୁଯାୟୀ ପୃଥିବୀର ସର୍ବବୃହତ ଦେଶ କେଉଁଟି ?

## JUMBLE WORDS

| | | | |
|---|---|---|---|
| 1) IGTDI | = | 6) UTTAN | = |
| 2) TOODU | = | 7) ABRREB | = |
| 3) NAGELC | = | 8) DULPED | = |
| 4) TRFOOG | = | 9) NASTL | = |
| 5) SAIDY | = | 10) RUFTI | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଲର୍ଡ ୱେଲସଲି, ୨. ମାଡ୍ରାସ ମହାନଗର ନିଗମ ଓ ୧୬୮୭ ମସିହା, ୩.୧୮୭୨ ପ୍ରଥମ ଆରମ୍ଭ କିନ୍ତୁ ନିୟମିତ ହେଲା ୧୮୮୧, ୪. ସୁଭାଷ ଚନ୍ଦ୍ର ବୋଷ, ୫.ମାଡ୍ରାସ ଲେବର ୟୁନିଅନ୍ ଓ ୧୯୧୮ ମସିହାରେ, ୬. ଆଲବାଟ୍ରସ୍, ୭.ଚର୍ବି, ୮.ନିଜ ଉଚ୍ଚତାର ତିନିଗୁଣ, ୯.ରେଗାଲ ଫ୍ଲାୱାର ବାର୍ଡ ପ୍ଲାଣ୍ଟ, ୧୦.୧ ମିଲିୟନରୁ ଅଧିକ ।

***Jumble Words* ର ଉତ୍ତର :-**

(1) PLACID (2) DETECT (3) CARGO (4) STUNT (5) WEEKLY (6) DEFECT (7) PIVOT (8) GRIND (9) DEFUSE (10) DILUTE

## ଦଳୀୟ ପ୍ରାର୍ଥୀଙ୍କ ଲାଗି ବିଦ୍ରୋହୀ କଣ୍ଟା

ଝାରସୁଗୁଡା : ଝାରସୁଗୁଡା ଜିଲ୍ଲାର ଦୁଇଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏବେ ପ୍ରମୁଖ ରାଜନୈତିକ ଦଳରେ ବିରୋଧ ଓ ବିଦ୍ରୋହକୁ ନେଇ ଭୟ । ଫଳରେ ଅସନ୍ତୁଷ୍ଟଙ୍କୁ ମନାଇବାକୁ ଏବେ ସବୁ ସ୍ତରରେ ଉଦ୍ୟମ ହେଉଥିବା ଦେଖିବାକୁ ମିଳୁଛି ।

ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରେ ବିଜେଡିର ସ୍ଥିତି ସୁଦୃଢ଼ ଥିଲା ଭଳି ଜଣାପଡୁଥିବା ବେଳେ ଏହାରି ଭିତରେ ଲଇକେରା ବ୍ଲକ ସାହାସପୁର ସରପଞ୍ଚ ସୁକାନ୍ତି ଜୟପୁରିଆ ଦଳରୁ ଇସ୍ତଫା ଦେଇ ନିଜ ସମର୍ଥକଙ୍କ ସହିତ ବିଜେପିରେ ସାମିଲ୍ ହୋଇଛନ୍ତି । ଯଦିଓ ଗତ କିଛିଦିନ ହେବ ସାହାସପୁର ପଞ୍ଚାୟତ ଦୁର୍ନୀତି ପାଇଁ ଚର୍ଚ୍ଚାରେ ରହିଆସିଛି ତଥାପି ସୁକାନ୍ତିଙ୍କ ବିଜେପିରେ ଯୋଗଦାନ ବିଜେଡି ପାଇଁ କ୍ଷତିକାରକ ହେବ ବୋଲି ଆଲୋଚନା ହେଉଛି । ଅନ୍ୟପଟେ ଦୀର୍ଘବର୍ଷ ଧରି ସ୍ୱର୍ଗତ ନବ ଦାସଙ୍କ ଅନୁଗତ ଭାବେ ରହି ଆସିଥିବା ପୂର୍ବତନ କିର୍ମିରା ବ୍ଲକ ଅଧକ୍ଷ ତେଜରାଜ ସାହୁ ମଧ ଖୋଲାଖୋଲି ଭାବେ ସମର୍ଥନ ପ୍ରତ୍ୟାହାର କରିସାରିଲେଣି । ଶ୍ରୀ ସାହୁ ବିଜେଡ଼ିରେ ନଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିସାରିଛନ୍ତି । ଏଭଳି ସ୍ଥିତିରେ ତେଜରାଜ ସାହୁ ବିଜେଡ଼ି ଅଙ୍କ ବିଗାଡ଼ିବାରେ କେତେ ବଡ଼ ଭୂମିକା ନେବେ, ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି ।

ବିଜେପିରେ ବି ଟଙ୍କଧର ତ୍ରିପାଠୀଙ୍କ ପ୍ରାର୍ଥୀତ୍ୱକୁ ନେଇ କିଛି ମାତ୍ରାରେ ଅସନ୍ତୋଷ ରହିଛି । ବହୁ ପୁରୁଣା ବିଜେପି ନେତା ଓ କର୍ମୀ ଏବେ ବି ଦଳୀୟ କାର୍ଯ୍ୟକ୍ରମରେ ଭାଗ ନେଉ ନ ଥିବା ଦେଖାଯାଉଛି । ଦଳୀୟ କର୍ମୀ ଅମର ବଜାଜ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିବା ସହ ନାମାଙ୍କନପତ୍ର ମଧ କ୍ରୟ କରିଛନ୍ତି । ସାଂସଦ ସୁରେଶ ପୂଜାରୀଙ୍କ ସମର୍ଥକ ଏବଂ ଅନୁଗତ ଟଙ୍କଧରଙ୍କ ସାଥୀରେ ନ ଥିବାର ଅନେକ ପ୍ରମାଣ ଦଳୀୟ ସମାବେଶରୁ ସ୍ପଷ୍ଟ ହୋଇସାରିଛି ।

କଂଗ୍ରେସରେ ବି ଅନୁରୂପ ଅବସ୍ଥା । ନେତୃତ୍ୱ ସଂକଟରେ ଥିବା ଝାରସୁଗୁଡ଼ା କଂଗ୍ରେସର ସମସ୍ତଙ୍କୁ ସଂଗରେ ନେଇ ଲଢ଼ିବା ଅମିତା ବିଶ୍ୱାଳଙ୍କ ପାଇଁ ଏକ ବଡ଼ ଆହ୍ୱାନ ହୋଇଛି । ସେପଟେ, ଟିକେଟ ଆଶାରେ ଥିବା ଜଣେ ପ୍ରଭାବଶାଳୀ ନେତା ମଧ ଅମିତାଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ସାଜିପାରନ୍ତି ।

ସେପଟେ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ ମଧ ସବୁ ଦଳରୁ କିଛି କିଛି ବିଦ୍ରୋହୀ ମୁଣ୍ଡ ଟେକୁଛନ୍ତି । ଏହି ନିର୍ବାଚନ ମଣ୍ଡଳୀରେ ବିଜେଡିରେ ସ୍ଥିତି ସେତେଟା ଗୋଳମାଳିଆ ନୁହେଁ । ବିଜେଡିର ପ୍ରତିଷ୍ଠାତା ସଦସ୍ୟ ତଥା ସ୍ୱର୍ଗତ ମହାନ୍ତିଙ୍କ ଏକଦା ଖାସ୍ ଅନୁଗତ କୁହାଯାଉଥିବା ବିଶ୍ୱନାଥ ନାୟକ ଗତ କିଛିଦିନ ତଳେ ସମର୍ଥକଙ୍କୁ ନେଇ ଦଳରୁ ଇସ୍ତଫା ଦେଇଥିଲେ । ତେବେ ଦଳୀୟ ନେତୃବର୍ଗ ବିଶ୍ୱନାଥଙ୍କୁ ବୁଝାସୁଝା କରିବାରେ ସଫଳ ହେବା ସହ ବରଗଡ଼ ଜିଲ୍ଲା ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ସଂଯୋଜକ ଦାୟିତ୍ୱ ଦେଇଛନ୍ତି । ଦଳ ଭିତରୁ ଯାହା ବି ବିଦ୍ରୋହର ସ୍ୱର ଉଠୁଥିଲା, ତାକୁ ମ୍ୟାନେଜ କରିବାରେ ଦଳର ନେତା ମାନେ ସକ୍ଷମ ହୋଇଛନ୍ତି । କେବଳ ବେଲପାହାଡ଼ ସହର ବିଜେଡ଼ି ସଭାପତି ଦାୟିତ୍ୱ ତୁଲାଇଥିବା କୈଳାଶ ନାଏକ ବିଜେପିରେ ଯୋଗ ଦେଇଛନ୍ତି ।

ବିଜେପି ପକ୍ଷରୁ ବ୍ରଜରାଜନଗର ଆସନରୁ ସୁରେଶ ପୂଜାରୀଙ୍କୁ ପ୍ରାର୍ଥୀ କରାଯିବା ପରେ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡାଙ୍କ ଶିବିରରେ ଉତ୍ସାହ ଦେଖାଯାଉନାହିଁ । ଏପରିକି ରାଧାଙ୍କ ଅନୁଗାମୀମାନେ ସୁରେଶଙ୍କ ପାଇଁ କାମ କରୁଥିବା ମଧ ଦେଖିବାକୁ ମିଳୁନାହିଁ । ଇତିମଧରେ ଖୋଦ ରାଧାରାଣୀ ପଣ୍ଡା ବି ଗଣମାଧମରେ ତାଙ୍କର ଅସନ୍ତୋଷ ଜାହିର କରି ସାରିଛନ୍ତି । ତେବେ ଆଗକୁ ରାଧାରାଣୀ ପଣ୍ଡା କଣ ପଦକ୍ଷେପ ନେବେ, ତାହାରି ଉପରେ ସମସ୍ତଙ୍କ ନଜର ରହିଛି । ନିକଟରେ ବିଜେଡିର ସାଧାରଣ ସଂପାଦକ ଥିବା ମଙ୍ଗଳ ସାହୁ ଇସ୍ତଫା ଦେଇ ତାଙ୍କର ପୁରୁଣା ଦଳ ବିଜେପିରେ ଯୋଗ ଦେଇଛନ୍ତି ।

## ଇବ୍ ଓ ଭେଡ଼େନ ନଦୀର ଅପମୃତ୍ୟୁ ଆଶଙ୍କା

ଝାରସୁଗୁଡ଼ା: ଗୋଟିଏପଟେ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ମହାନଦୀକୁ ନେଇ ରାଜନୀତି ସରଗରମ ହୋଇଥିବା ବେଳେ ଅନ୍ୟପଟେ ଇବ୍ ଓ ଭେଡ଼େନ ନଦୀ ଏବେ ମୃତ୍ୟୁ ଶଯ୍ୟାରେ ପଡିଛି ।

ଝାରସୁଗୁଡ଼ା ଜିଲ୍ଲାର ଜୀବନରେଖା ଭାବେ ବିବେଚିତ ହେଉଥିବା ଇବ୍ ନଦୀ ଉପରେ ନିର୍ଭର କରୁଥିବା ନଦୀକୂଳର ଗ୍ରାମବାସୀମାନେ ଏଥିପାଇଁ ଘୋର ଚିନ୍ତିତ ହୋଇ ପଡିଛନ୍ତି । ବର୍ତ୍ତମାନ ଗ୍ରୀଷ୍ମ ଋତୁ ଯୋଗୁଁ ନଦୀ ପ୍ରାୟ ଶୁଖି ଯାଇଥିବାରୁ ଏହା ଉପରେ ନିର୍ଭର କରୁଥିବା ଲୋକମାନେ ପିଇବା ପାଣି ଓ ଗାଧେଇବା ପାଇଁ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାର ପାଣି ଧାର ପୁରା ଶୁଖିଯାଇଛି । ବିଭିନ୍ନ କାରଣରୁ ଏହି ନଦୀର ଖୁବ୍ ଶୀଘ୍ର ଅପମୃତ୍ୟୁ ହେବାର ଆଶଙ୍କା ଦେଖା ଦେଇଛି ।

ସେହିପରି ଭେଡ଼େନ ନଦୀ ଐତିହାସିକ ସ୍ଥାନ ବଣାଇରୁ ବାହାରି ଝାରସୁଗୁଡ଼ା ଜିଲ୍ଲା ଖେରୁଆଲରେ ଇବ୍ ନଦୀ ସହିତ ମିଶିଛି । କିନ୍ତୁ, ଏହି ସଙ୍ଗମସ୍ଥଳ ପୂର୍ବରୁ ହିଁ ନଦୀକୁ ପୋତିଦେବାର ଅଭିଯାନ ଆରମ୍ଭ ହୋଇଛି । ବିଗତ ୨୦ ବର୍ଷରେ ଖେରୁଆଲରେ ନଦୀର ପ୍ରସ୍ଥ ୨ଶହ ମିଟରରୁ ହ୍ରାସ ପାଇ ଏବେ ୫୦ ମିଟରରେ ପହଞ୍ଚିଗଲାଣି । ଏହି ପ୍ରସଙ୍ଗରେ ପରିବେଶବିତ୍‌ମାନେ ହାଇକୋର୍ଟରୁ ନେଇ ଜାତୀୟ ଗ୍ରିନ୍ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ବି ହୋଇଛନ୍ତି । କିନ୍ତୁ, ନଦୀ ସୁରକ୍ଷା ଦିଗରେ ସରକାର କାଣିଚାଏ ବି ଆଗ୍ରହ ଦେଖାଉ ନ ଥିବାରୁ ଇବ୍ ନଦୀର ଏହି ଉପନଦୀ ଏବେ ନିଜର ଅସ୍ତିତ୍ୱ ହରାଇବାକୁ ବସିଲାଣି ।

ଇତିହାସ ପୃଷ୍ଠାକୁ ଦେଖିଲେ ଏହି ନଦୀର ଆୟତନ ଯଥେଷ୍ଟ ଅଧିକ ରହିଥିଲା । ଏପରିକି ନଦୀର ବଣାଇରୁ ନେଇ ଖେରୁଆଲ୍ ମଧରେ ୩୦ରୁ ଅଧିକ ସ୍ଥାନରେ ଫେରିଡଙ୍ଗାରେ ଯାତ୍ରୀଙ୍କୁ ନେବା ଆଣିବା କରାଯାଉଥିଲା । ପୁରୁଣା ପୁସ୍ତକ ଓ ଲୋକକଥା ଅନୁସାରେ, ଖେରୁଆଲ ନଦୀର ଗଭୀରତା ୪୦ ଫୁଟ୍‌ରୁ ଅଧିକ ରହିଥିଲା । କିନ୍ତୁ, ୧୯୯୦ ମସିହା ପରଠାରୁ ଲଗାତାର ଭାବେ ଏହି ନଦୀକୁ ସଂକୁଚିତ କରିବା ପାଇଁ ଉଦ୍ୟମ ଜାରି ରହିଛି । ପରିବେଶବିତ୍‌ଙ୍କ ମତରେ, ଶିଳ୍ପାନୁଷ୍ଠାନଗୁଡ଼ିକରୁ ବଡ଼ ବଡ଼ ପାଇପ୍ ଯୋଗେ ଅର୍ଦ୍ଧତରଳ ପାଉଁଶ ସ୍ଲରୀ ସିଧାସଳଖ ଭେଡ଼େନ ନଦୀକୁ ଛାଡ଼ି ଦିଆଯାଉଛି । ଫଳରେ, ସଙ୍ଗମସ୍ଥଳରୁ ଅଳ୍ପଦୂରରେ ନଦୀ ସଙ୍କୀର୍ଣ୍ଣ ହୋଇଯାଇଛି । ଏହି ନଦୀପୋତା ଅଭିଯାନରେ ରୋକ୍ ନ ଲାଗିଲେ ଏହାର ଅପମୃତ୍ୟୁ ନିଶ୍ଚିତ ବୋଲି ପରିବେଶବିତମାନେ ଆଶଙ୍କା ପ୍ରକାଶ କରିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ସମ୍ପତ୍ତି ୭୧କୋଟି ୭ ଲକ୍ଷ ଟଙ୍କା

ବ୍ରହ୍ମପୁର : ହିଞ୍ଜିଳି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଛତ୍ରପୁର ଅତିରିକ୍ତ ଉପଜିଲାପାଳ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୋଟ ସମ୍ପତ୍ତି ହେଉଛି ୭୧ କୋଟି ୦୭ ଲକ୍ଷ ୭୮ ହଜାର ୩୭୪ ଟଙ୍କା । ସ୍ଥାବର ସମ୍ପତ୍ତିର ମୂଲ୍ୟ ୧୪ କୋଟି ୫ ଲକ୍ଷ ୬୦ ହଜାର ୩୭୪ ଟଙ୍କା ରହିଥିବା ବେଳେ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୫୭ କୋଟି ୦୨ ଲକ୍ଷ ୧୮ ହଜାର ଟଙ୍କା ।

ସତ୍ୟପାଠରେ ଦାଖଲ ସମ୍ପତ୍ତି ବିବରଣୀ ତଥ୍ୟ ଅନୁଯାୟୀ, ତାଙ୍କ ପାଖରେ ମାତ୍ର ୩୦ ହଜାର ଟଙ୍କା ନଗଦ ରହିଛି । ଦିଲ୍ଲୀସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆରେ ୬୮ ଲକ୍ଷ ୩୪ ହଜାର ଟଙ୍କା ଜମା ଆକାରରେ ରହିଥିବା ବେଳେ ପାର୍ଲାମେଣ୍ଟ ହାଉସସ୍ଥିତ ଷ୍ଟେଟ୍‌ବ୍ୟାଙ୍କରେ ମାତ୍ର ୧୯୯୯ ଟଙ୍କା ରହିଛି । ସେହିଭଳି ଭୁବନେଶ୍ୱର ବାପୁଜୀ ନଗରସ୍ଥିତ ଷ୍ଟେଟ୍ ବ୍ୟାଙ୍କରେ ଜମା ଆକାରରେ ରହିଛି ୨୨ ଲକ୍ଷ ୫୦ ହଜାର ୯୯୦ ଟଙ୍କା । କଣ୍ଟାବାଞ୍ଜିରୁ ନିର୍ବାଚନ ଲଢ଼ିବା ପାଇଁ ସେଠାରେ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆରେ ଗୋଟିଏ ଆକାଉଣ୍ଟ ସଦ୍ୟ ଖୋଲା ଯାଇଥିବା ବେଳେ ସେଥିରେ ଜମା ଆକାରରେ ୩୦ ଲକ୍ଷ ଟଙ୍କା ରହିଛି । ସେହିଭଳି ହିଞ୍ଜିଳି ଠାରେ ଥିବା ଷ୍ଟେଟ୍ ବ୍ୟାଙ୍କରେ ମଧ ନିର୍ବାଚନ ବାବଦକୁ ୩୦ ଲକ୍ଷ ଟଙ୍କା ଜମା ରଖୁଛନ୍ତି । ୨୦୨୨ ମସିହା ମେ' ୧୨ ତାରିଖରେ ପୋଷ୍ଟାଲରେ ଟର୍ମ ଡିପୋଜିଟ୍ ଭାବେ ୫୦ ଲକ୍ଷ ଟଙ୍କାକୁ ପାଞ୍ଚ ବର୍ଷ ପାଇଁ ନିବେଶ କରିଛନ୍ତି । ୨୦୨୧ ମସିହା ଜାନୁୟାରୀ ୧୩ତାରିଖରେ ଏକ କୋଟି ଟଙ୍କାକୁ ଟର୍ମଡିପୋଜିଟ୍ ଭାବେ ପାଞ୍ଚ ବର୍ଷ ପାଇଁ ନିବେଶ କରିଛନ୍ତି । ଏତଦ ବ୍ୟତୀତ ଅନ୍ୟାନ୍ୟ ବ୍ୟାଙ୍କରେ ଜମା ଏବଂ ନିବେଶ ଆକାରରେ ମଧ ଟଙ୍କା ଗଚ୍ଛିତ ରହିଛି । ନବୀନଙ୍କ ପାଖରେ ୧୯୮୦ ମଡେଲ୍‌ର ଗୋଟିଏ ଆମ୍ବାସଡ଼ର କାର୍ ରହିଛି । ଯାହାର ବର୍ତ୍ତମାନର ବଜାର ମୂଲ୍ୟ ମାତ୍ର ୬ ହଜାର ୪୩୪ ଟଙ୍କା । ତାଙ୍କ ପାଖରେ ୪ ଲକ୍ଷ ୧୭ ହଜାର ୯୦ ଲକ୍ଷ ଟଙ୍କାର ଅଳଙ୍କାର ମଧ ରହିଛି । ଅପରପକ୍ଷେ ତାଙ୍କ ଅସ୍ଥାବର ସମ୍ପତ୍ତି ଭିତରେ ନବୀନ ନିବାସ ରହିଛି । ଯାହାର ବଜାର ମୂଲ୍ୟ ପ୍ରାୟ ୧୩ କୋଟି ୬୬ ଲକ୍ଷ ଟଙ୍କା । ସେହିଭଳି ନୂଆଦିଲ୍ଲୀର ଅବଦୁଲ କଲାମ ରୋଡ଼ ଠାରେ ତାଙ୍କର ଗୋଟିଏ ଘର ରହିଛି । ଏହାର ବଜାର ମୂଲ୍ୟ ୪୩ କୋଟି ୩୬ ଲକ୍ଷ ୧୮ ହଜାର ଟଙ୍କା ବୋଲି ସତ୍ୟପାଠରେ ଉଲ୍ଲେଖ କରାଯାଇଛି । ୨୦୨୨-୨୩ ଆର୍ଥିକ ବର୍ଷରେ ନବୀନ ନିଜର ଆୟ ୯୨ ଲକ୍ଷ ୨୪ ହଜାର ୯୦୦ ଟଙ୍କା ବୋଲି ଦର୍ଶାଇଛନ୍ତି । ସେ କୌଣସି ପ୍ରକାର ଋଣ ନେଇନାହାନ୍ତି ବୋଲି ସତ୍ୟପାଠରେ ଦର୍ଶାଯାଇଛି ।

## ଜଗନ୍ନାଥ ସଂସ୍କୃତିରେ ଶକ୍ତିପୂଜାର ପରମ୍ପରା ଶୀର୍ଷକ ଆଲୋଚନାଚକ୍ର

କୁଚିଣ୍ଡା: କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁନ୍ତରା ଆଠଗାଁ ଛକ ସ୍ଥିତ ମା' ସମଲେଶ୍ୱରୀ ପୀଠ କଲ୍ୟାଣ ମଣ୍ଡପରେ ଜଗନ୍ନାଥ ସଂସ୍କୃତିରେ ଶକ୍ତିପୂଜାର ପରମ୍ପରା ଶୀର୍ଷକ ରାଷ୍ଟ୍ରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଋଷିକୁଳ ସେବାଶ୍ରମ ଟ୍ରଷ୍ଟ ଅଧକ୍ଷ ସ୍ୱାମୀ ଜୀବନ ମୁକ୍ତାନନ୍ଦ ପୁରୀଜୀଙ୍କ ଅଧକ୍ଷତାରେ ହୋଇଥିବା ସଭାରେ ବିଶିଷ୍ଟ ସଂସ୍କୃତ ପ୍ରବକ୍ତା ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ମୁଖ୍ୟବକ୍ତା, ଦିଲ୍ଲୀ ଲାଲବାହାଦୁର ଶାସ୍ତ୍ରୀ ସଂସ୍କୃତ ୨ଟି ବିଶ୍ୱବିଦ୍ୟାଳୟର ପ୍ରଫେସର ଭାଗିରଥୀ ନନ୍ଦ, ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ଆଚାର୍ଯ୍ୟ ଜ୍ଞାନରଞ୍ଜନ ପଣ୍ଡା, ରାଉରକେଲା ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟ ଆଚାର୍ଯ୍ୟ ଚନ୍ଦ୍ରଧ୍ୱଜ ମାଝି ବକ୍ତାଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧରେ ପଣ୍ଡିତ ସରୋଜ କୁମାର ରଥ, ଅବସରପ୍ରାପ୍ତ ଅଧକ୍ଷ ଅତୁଲ୍ୟ କୁମାର ମହାକୁଡ଼ ମଞ୍ଚାସୀନ ଥିଲେ । ମଣିପୁର ସଂସ୍କୃତ ମହାବିଦ୍ୟାଳୟ ପ୍ରଫେସର ବୃନ୍ଦେଶ୍ୱର ଷଡଙ୍ଗୀ ସଭା ପରିଚାଳନା କରିଥିଲେ । କୁନ୍ତରା ମହାବିଦ୍ୟାଳୟ ସଂସ୍କୃତ ଅଧାପକ ତରୁଣ କୁମାର ପୃଷେଠ ଅତିଥି ପରିଚୟ ଓ ସ୍ୱାଗତ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଋଷିକୁଳ ସଂସ୍କୃତ ବିଦ୍ୟାଳୟ ପ୍ରଧାନଶିକ୍ଷକ ପଣ୍ଡିତ ଶ୍ୟାମ ସୁନ୍ଦର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅଧାପିକା ଶାଶ୍ୱତୀ ମେହେର, ରତ୍ନମଞ୍ଜରୀ ସାହୁ, ଦୀପିକା ବେହେରା, ବର୍ଷା ମୁଦୁଲି, ଅଧାପକ ଯୋଗେନ୍ଦ୍ର ମୁଦୁଲି, ରାଜେଶ ମାଝି, ଗୁଲାରାମ ଦଣ୍ଡସେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଝାରସୁଗୁଡ଼ା ଓ ବ୍ରଜରାଜନଗରରେ ୧୦ ଜଣ ଲେଖାଏଁ ପ୍ରାର୍ଥୀଙ୍କ ନାମାଙ୍କନ

ଝାରସୁଗୁଡ଼ା : ଚଳିତ ସାଧାରଣ ନିର୍ବାଚନ-୨୦୨୪ ପାଇଁ ଜିଲ୍ଲାର ଦୁଇଟି ବିଧାନସଭା ଆସନ ପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟା ଶେଷ ହୋଇଛି । ଝାରସୁଗୁଡ଼ା ଏବଂ ବ୍ରଜରାଜନଗର ବିଧାନସଭା ଆସନ ପାଇଁ ଦଶ ଜଣ ଲେଖାଏଁ ନାମାଙ୍କନ ଦାଖଲ କରିଛନ୍ତି । ପ୍ରାର୍ଥୀପତ୍ର ଯାଞ୍ଚ ଏବଂ ୬ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ।

ନାମାଙ୍କନ ଦାଖଲ କରିଥିବା ପ୍ରାର୍ଥୀଙ୍କ ମଧରେ ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡିରୁ ଦୀପାଳି ଦାସ, ବିଜେପିରୁ ଟଙ୍କଧର ତ୍ରିପାଠୀ, କଂଗ୍ରେସରୁ ଅମିତା ବିଶ୍ୱାଳ, ବହୁଜନ ସମାଜ ପାର୍ଟିରୁ କାର୍ତ୍ତିକେଶ୍ୱର ଘୁଘର, ଝରଣା କିଶାନ, ସଞ୍ଜିତା କିଶାନ, ସାଧନା ପାଣ୍ଡେ, ଅମର ବଜାଜ ଓ ଜ୍ଞାନେନ୍ଦ୍ର ବେହେରା ସ୍ୱାଧୀନ ପ୍ରାର୍ଥୀ ଓ ନ୍ୟାସନାଲ ଅପ୍‌ନା ପାର୍ଟିରୁ କଳାକାର ନାଏ ପ୍ରାର୍ଥୀ ରହିଛନ୍ତି । ସେହିପରି ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡିରୁ ଅଳକା ମହାନ୍ତି, ବିଜେପିରୁ ସୁରେଶ ପୂଜାରୀ, କଂଗ୍ରେସରୁ କିଶୋର ଚନ୍ଦ୍ର ପଟେଲ, ସିପିଆଇରୁ ରମେଶ କୁମାର ତ୍ରିପାଠୀ, ଆପ୍‌ରୁ କୁମୁଦ ରଞ୍ଜନ ପ୍ରସାଦ, ସୁପ୍ରିତ କୁମାର ବେହେରା, ହେମନ୍ତ କୁମାର ରଣା, ସୁମିତ କୁମାର ସାହ, ଅଜୟ ଭାରତୀ ଓ ଶେଖାୱତ ରାଜପୁତ ଜୈନ ସ୍ୱାଧୀନପ୍ରାର୍ଥୀ ରହିଥିବା ବେଳେ ବହୁଜନ ସମାଜ ପାର୍ଟିରୁ ସୁଜାତା ସୁନା ପ୍ରାର୍ଥୀ ରହିଛନ୍ତି ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆରବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement | - | 100% Extra |

# ସମ୍ବଲପୁର ବିଧାନସଭା ଆସନ ପାଇଁ ନାମାଙ୍କନ ଦାଖଲ କଲେ ଜୟ, ରୋହିତ ଓ ଦୁର୍ଗା







ସମ୍ବଲପୁର : ସମ୍ବଲପୁର ବିଧାନସଭା ବିଜେପି ପ୍ରାର୍ଥୀ ଜୟନାରାୟଣ ମିଶ୍ର ତାଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତାଙ୍କ ସମର୍ଥକ ଏବଂ ପ୍ରସ୍ତାବକଙ୍କ ଗହଣରେ ଯାଇ ସେ ତାଙ୍କ ପ୍ରାର୍ଥୀପତ୍ର ଦାଖଲ କରିଥିଲେ।

ଏଥିରେ ପ୍ରସ୍ତାବକ ଭାବେ ଗୁରୁଦାସ ପୁରୋହିତ, ଘନଶ୍ୟାମ ପାଣିଗ୍ରାହୀ ଏବଂ ଅବଧାନନ୍ଦ ମିଶ୍ର ସ୍ୱାକ୍ଷର କରିଛନ୍ତି। ଏହି ସମୟରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ ଓ ବ୍ରହ୍ମଗିରି ବିଧାୟକ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର ମଧ ଉପସ୍ଥିତ ଥିଲେ। ଆଇନଜୀବୀ ଡକ୍ଟର ପ୍ରମୋଦ ରଥ, ଚିତ୍ରସେନ ମିଶ୍ର, ପରିତୋଷ ପାଣିଗ୍ରାହୀ, ଅତନୁ ଘୋଷ, ସଞ୍ଜୀବ ତ୍ରିପାଠୀ, ଫଣିଭୂଷଣ ମିଶ୍ର, ପ୍ରଦୀପ ସୂପକାର, ପ୍ରସନ୍ନ ସାହୁ, ମୁକୁଲ ଦାଶ, ସିଦ୍ଧାର୍ଥ ସାହୁ, ଅରବିନ୍ଦ ନାଏକ, ରାଜୀବ ଶତପଥୀ, ପ୍ରଶାନ୍ତ କର, ରାଜେଶ ସାହୁ, ପ୍ରିୟ ରଞ୍ଜନ ବଡ଼ପଣ୍ଡା ସହଯୋଗ କରିଥିଲେ। ଧର୍ମପତ୍ନୀ ଜ୍ୟୋସ୍ନାରାଣୀ ମିଶ୍ର ଓ କନ୍ୟା ଶୁଭଶ୍ରୀ ମିଶ୍ର ମଧ୍ୟ ସାମିଲ ଥିଲେ। ସେହିପରି ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ଅନିଲ ବେହେରା, ମାନସ ରଞ୍ଜନ ବକ୍ସି, ସମୀର ରଞ୍ଜନ ବାବୁ, ଦାମୋଦର କର, ସୁଶାନ୍ତ ପୁରୋହିତ, ସରୋଜ ଦଳପତ୍, ମୋହନ ଦାଶ, ସଞ୍ଜୟ ଷଡ଼ଙ୍ଗୀ, ଶିବ ଦିୱାନ୍, କାହ୍ନୁରାମ ଶର୍ମା, ମୁକେଶ ଜରିୱାଲ, ସୌମିତ୍ର ଜତି, ସନ୍ତୋଷ ଡାଲୁଆ, ସବିତା ନନ୍ଦ, ଆରତୀ ବରାଡ, ରୁନୁ ପ୍ରଧାନ, ସଂଯୁକ୍ତା ଆଚାର୍ଯ୍ୟ, ସୁଜାତା ଗୁରୁ, ସବିତା ହୋତାଙ୍କ ସମେତ ବହୁ ବିଜେପି କର୍ମୀ ଓ ପଦାଧିକାରୀ ଉପସ୍ଥିତ ଥିଲେ। ବିଜେଡି ପ୍ରାର୍ଥୀ ରୋହିତ ପୂଜାରୀ ସମ୍ବଲପୁର ବିଧାନସଭା ଆସନ ପାଇଁ ତାଙ୍କ ନାମାଙ୍କନ ପତ୍ର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି। ସେହିପରି ଏହି ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ଦୁର୍ଗା ପ୍ରସାଦ ପାଢ଼ୀ ତାଙ୍କ ସମର୍ଥକଙ୍କ ଗହଣରେ ଏକ ଶୋଭାଯାତ୍ରାରେ ଯାଇ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନାମାଙ୍କନ ପତ୍ର ଦାଖଲ ବେଳେ ସମ୍ବଲପୁର ଲୋକସଭା ଆସନର ପ୍ରାର୍ଥୀ ନଗେନ୍ଦ୍ର ପ୍ରଧାନ, ରେଢ଼ାଖୋଲ ପ୍ରାର୍ଥୀ ଆସଫ୍ ଅଲ୍ଲୀ ଖାନ୍, ଇଞ୍ଜିନିୟର ଶିବି ପାଢ଼ୀ, କାଳୁଚରଣ ସ୍ୱାଇଁ ପ୍ରମୁଖଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଦୁଇ ବିଧାୟିକାଙ୍କ ପାଇଁ ପ୍ରଥମ ସାଧାରଣ ନିର୍ବାଚନ

ଝାରସୁଗୁଡ଼ା : ଝାରସୁଗୁଡ଼ା ଜିଲ୍ଲାର ଦୁଇ ନିର୍ବାଚନମଣ୍ଡଳୀ ଝାରସୁଗୁଡ଼ା ଓ ବ୍ରଜରାଜନଗରରେ ପ୍ରଥମଥର ପାଇଁ ଉଭୟ ବିଧାୟିକା ସାଧାରଣ ନିର୍ବାଚନର ସାମ୍ନା କରିବାକୁ ଯାଉଛନ୍ତି। ଅପ୍ରତ୍ୟାଶିତ ଭାବେ ହୋଇଥିବା ଉପନିର୍ବାଚନରେ ଉଭୟ ବିଧାୟିକା ରେକର୍ଡ ଭୋଟ୍‌ରେ ବିଜୟୀ ହୋଇଥିଲେ। ଉପନିର୍ବାଚନରେ ସେମାନେ ଯଥେଷ୍ଟ ଅନୁକମ୍ପା ଭୋଟ୍ ପାଇଥିଲେ। କିନ୍ତୁ ଏବେ ସ୍ଥିତି ବଦଳିଛି। ଉଭୟ ନେତ୍ରୀ ଏବେ ପୁରୁଣା ହେଲେଣି। ତେଣୁ ସାଧାରଣ ନିର୍ବାଚନରେ ଭଲ ବ୍ୟବଧାନରେ ବିଜୟୀ ହେବା ଉଭୟଙ୍କ ପାଇଁ ସମ୍ମାନର ପ୍ରଶ୍ନ ପାଲଟିଛି।





ଝାରସୁଗୁଡ଼ାରେ ତତ୍କାଳୀନ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କୁ ହତ୍ୟା କରାଯିବା ପରେ ଅନୁଷ୍ଠିତ ଉପନିର୍ବାଚନରେ ଝିଅ ଦୀପାଳି ଦାସଙ୍କୁ ବିଜେଡି ପ୍ରାର୍ଥୀ କରିଥିଲା। ସୁଶ୍ରୀ ଦାସ ରେକର୍ଡସଂଖ୍ୟକ ଅର୍ଥାତ ୬୦,୯୩ ପ୍ରତିଶତ ଭୋଟ୍ ଏକା ପାଇବାରେ ସଫଳ ହୋଇଥିଲେ। ସେତେବେଳେ ତାଙ୍କ ସମ୍ମୁଖରେ ରହିଥିବା ପ୍ରତିଦ୍ୱନ୍ଦୀ ବିଜେପିର ଟଙ୍କଧର ତ୍ରିପାଠୀ ଓ କଂଗ୍ରେସର ତରୁଣ ପାଣ୍ଡେ ବି ସଂପୂର୍ଣ୍ଣ ନୂଆ ଚେହେରା ଥିଲେ। ଏବେ ସ୍ଥିତିରେ ପରିବର୍ତ୍ତନ ହୋଇଛି। ସାଧାରଣ ନିର୍ବାଚନରେ କଡ଼ା ଟକ୍କର ହେବାକୁ ଯାଉଛି। ଏବେ ବିଜେପିର ଟଙ୍କଧର ବି ପୁରୁଣାମୁହଁ ହୋଇଥିବା ବେଳେ କଂଗ୍ରେସର ଅମିତା ବିଶ୍ୱାଳ ବି ଚିହ୍ନାମୁହଁ। ତେଣୁ ଗତ ଉପନିର୍ବାଚନ ଭଳି ବଡ଼ ବ୍ୟବଧାନରେ ବିଜୟୀ ହେବା ଏବେ ଦୀପାଳିଙ୍କ ପାଇଁ ସମ୍ମାନର ପ୍ରଶ୍ନ ପାଲଟିଛି। ଏଥିପାଇଁ ସେ ବିଗତ ୧୦ ମାସରେ କରିଥିବା ଉନ୍ନତିମୂଳକ କାର୍ଯ୍ୟର ଚିଠା ନେଇ ଲୋକଙ୍କ ନିକଟରେ ପହଞ୍ଚି ଏବେ ୧୦ ମାସ ନୁହେଁ, ବରଂ ୫ ବର୍ଷ ପାଇଁ ସୁଯୋଗ ଦେବାକୁ ଲୋକଙ୍କୁ ଭୋଟ୍ ମାଗୁଛନ୍ତି।

ସେପଟେ, ୨୦୧୧ ଡିସେମ୍ବରରେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ତତ୍କାଳୀନ ବିଧାୟକ କିଶୋର ମହାନ୍ତିଙ୍କ ଆକସ୍ମିକ ବିୟୋଗ ପରେ ୨୦୨୨ ମସିହାରେ ଉପନିର୍ବାଚନ ହୋଇଥିଲା। ଏଥିରେ ସ୍ୱର୍ଗତ ମହାନ୍ତିଙ୍କ ପତ୍ନୀ ଅଳକା ମହାନ୍ତିଙ୍କୁ ବିଜେଡି ପ୍ରାର୍ଥୀ କରିଥିଲା। ଏହି ଉପ ନିର୍ବାଚନରେ ଶ୍ରୀମତୀ ମହାନ୍ତି ୬୧.୨୫ ପ୍ରତିଶତ ଭୋଟ୍ କେବଳ ନିଜ ସପକ୍ଷରେ ନେବାରେ ସଫଳ ହୋଇଥିଲେ। ହେଲେ ଏବେ ସାଧାରଣ ନିର୍ବାଚନ। ସାମ୍ନାରେ ବିଜେପିର ଭେଟେରାନ୍ ନେତା ସୁରେଶ ପୂଜାରୀ ଓ କଂଗ୍ରେସର ପୂର୍ବତନ ମନ୍ତ୍ରୀ କିଶୋର ପଟେଲ। ଦୁଇ ହେଭିୱେଟ୍‌ଙ୍କ ସମ୍ମୁଖରେ ଲଢ଼ି ଜିତିବା ଅଳକାଙ୍କ ପାଇଁ ମଧ ଏକ ଚ୍ୟାଲେଞ୍ଜ ପାଲଟିଯାଇଛି। ତେବେ ଚଳିତ ସାଧାରଣ ନିର୍ବାଚନରେ ଉଭୟ ବିଧାୟିକାଙ୍କ ଫଳାଫଳ ହିଁ ସେମାନଙ୍କର ଆଗାମୀ ରାଜନୈତିକ କ୍ୟାରିୟରର ଦିଗ ନିର୍ଦ୍ଧାରଣ କରିବ ବୋଲି ଚର୍ଚ୍ଚା ହେଉଛି।

# ଆଇଆଇଏମ ସମ୍ବଲପୁରର ସମାବର୍ତ୍ତନ ଉତ୍ସବ




ସମ୍ବଲପୁର: ଆଇଆଇଏମ ସମ୍ବଲପୁରର ଅଷ୍ଟମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଇଆଇଏମ ସମ୍ବଲପୁରର ଅଧକ୍ଷା ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ବନ୍ଧନ ବ୍ୟାଙ୍କର ପ୍ରତିଷ୍ଠାତା, ଏମଡି ତଥା ସିଇଓ ଚନ୍ଦ୍ର ଶେଖର ଘୋଷ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଇଆଇଏମ୍‌ର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୈସ୍ୱାଲ ସ୍ୱାଗତ ଭାଷଣ ଦେଇ ଯେପରି କର୍ପୋରେଟ ଦାସ ମାନସିକତାକୁ ନା', ଆଇନଗତ ତଥା ନୈତିକତା ଅନୁପାଳନକୁ ପାଳନ କରିବା, ସମସ୍ୟା ସମାଧାନକାରୀ ହେବା, ବୃତ୍ତିଗତ ଅନୁପାଳନରେ ନିଜ ଆୟ ବିପଦ ଗ୍ରହଣ କରିବା ଏବଂ ପ୍ରଯୁକ୍ତି-ବିଦ୍ୟା ମାଧମରେ ନୂତନତ୍ୱ ଶିଖିବା ବୋଲି କହିଥିଲେ। ସମାରୋହକୁ ଆଇଆଇଏମ ସମ୍ବଲପୁରର ସିଏଓ-ଇନ୍-ଚାର୍ଜ ଅମୃତ ମହାନ୍ତି ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ଓ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା।

## ପ୍ରଶାନ୍ତ କୁମାର ନାଏକ ଟିଆରଏଲ୍ କ୍ରୋସାକିର ନୂତନ ପରିଚାଳନା ନିର୍ଦ୍ଦେଶକ

ଝାରସୁଗୁଡ଼ା : ବେଲପାହାଡ଼ର ଟିଆରଏଲ୍ କ୍ରୋସାକି ରିଫ୍ରାକ୍ଟୋରୀଜ୍ ଲିମିଟେଡ୍ ପ୍ରଶାନ୍ତ କୁମାର ନାଏକ ନୂତନ ପରିଚାଳନା ନିର୍ଦ୍ଦେଶକ ଭାବରେ ଯୋଗଦେଇଛନ୍ତି। ପୂର୍ବରୁ ପରିଚାଳନା ନିର୍ଦ୍ଦେଶକ



ଭାବରେ ପ୍ରିୟବ୍ରତ ପଣ୍ଡା ବିଗତ ୧୦ ବର୍ଷ ଧରି କାର୍ଯ୍ୟ କରୁଥିଲେ। ନୂତନ ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାଏକ ଜଣେ ଭୂତତ୍ତ୍ୱବିତ୍। ୧୯୯୧ ମସିହାରେ ଶ୍ରୀ ନାଏକ ଧାନବାଦ ସ୍ଥିତ ଇଣ୍ଡିଆନ୍ ସ୍କୁଲ ଅଫ୍ ମାଇନ୍ସରୁ ଭୂବିଜ୍ଞାନରେ ଏମ୍.ଟେକ ସମାପ୍ତକରି ଟିଆରଏଲ କ୍ରୋସାକି ତତ୍‌କାଳୀନ ଟାଟା ରିଫ୍ରାକ୍ଟୋରୀଜ୍ ଲିମିଟେଡ ବେଲପାହାଡ଼ରେ ଯୋଗ ଦେଇଥିଲେ। ଶ୍ରୀ ନାୟକଙ୍କ ଉତ୍ପାଦନ, ସହଯୋଗୀ ପରିଚାଳନା, କ୍ରୟ ରଣନୀତି ଖଣି ଓ ସୁରକ୍ଷା ପରିଚାଳନା, ଶକ୍ତି ପରିଚାଳନା, ମାର୍କେଟିଂ, ବିକ୍ରୟ ଇତ୍ୟାଦି ଉପରେ ୩୩ ବର୍ଷର ଅଭିଜ୍ଞତା ରହିଛି।

# ଝାରସୁଗୁଡ଼ା ଆସନ ପାଇଁ ନାମାଙ୍କନ ଦାଖଲ କଲେ ଦୀପାଳି, ଟଙ୍କଧର ଓ ଅମିତା





ଝାରସୁଗୁଡ଼ା : ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ବିଧାୟିକା ଦୀପାଳି ଦାସ ସହସ୍ରାଧିକ ସମର୍ଥକ ଓ ଦଳୀୟ କର୍ମୀଙ୍କ ଗହଣରେ ସ୍ଥାନୀୟ ଉପ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟରେ ପହଞ୍ଚି ଚାରି ସେଟ୍ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସହରର ମନମୋହନ ପଡ଼ିଆରୁ ଜିଲ୍ଲାପାଳଙ୍କ ଅଫିସ୍ ଯାଏ ହଜାର ହଜାର ସଂଖ୍ୟକ ବିଜେଡି କର୍ମୀ ଓ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ବାହାରିଥିଲେ। ଲୋକଙ୍କ ଭିଡ଼ରେ ରାଜରାସ୍ତା ଉଛୁଳିବା ସହ ବାଜା ଓ ନାଚଗୀତ ଏବଂ ଡିଜେ ସାଉଣ୍ଡରେ ସମଗ୍ର ପରିବେଶ କୋଳାହଳମୟ ହୋଇ ଉଠିଥିଲା। ଶୋଭାଯାତ୍ରାରେ ତାଙ୍କ ଭାଇ ବିଶାଳ ଦାସଙ୍କ ସମେତ ସମ୍ବଲପୁରରୁ ଆସିଥିବା ପରିବାର ବର୍ଗ, ବରଗଡ଼ ଲୋକସଭା ପ୍ରାର୍ଥୀ ପରିଣିତା ମିଶ୍ର, ସୁଶାନ୍ତ ମିଶ୍ର, ବିଷ୍ଣୁ କେଡ଼ିଆ, ଝାରସୁଗୁଡ଼ା ପୌରାଧକ୍ଷା ରାନୀ ହାତୀ, ମହେନ୍ଦ୍ର ନାଏକ, ବରିଷ୍ଠ ନେତା ତାପସରାୟ ଚୌଧୁରୀ, ସନ୍ଦୀପ ଅୱସ୍ଥି, ତ୍ରିନାଥ ଗୁଆଲ ପ୍ରମୁଖଙ୍କ ସମେତ




ବହୁ ସଂଖ୍ୟାରେ ଦଳୀୟ ନେତୃବର୍ଗ ଏବଂ କର୍ମୀ ଶୋଭାଯାତ୍ରାରେ ସାମିଲଥିଲେ।

ସେହିପରି ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ସମର୍ଥକମାନଙ୍କ ଗହଣରେ ଶୋଭାଯାତ୍ରାରେ ଆସି ନାମାଙ୍କନ ପତ୍ର ଦାଖଲ କରିଥିଲେ। ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ଏକ ବିରାଟ ପଟୁଆରରେ ଝାରସୁଗୁଡ଼ା ବେହେରାମାଲ କିଶାନଛକ ଠାରୁ ବାହାରିଥିଲେ। ସହସ୍ରାଧିକ ସମର୍ଥକ ଏବଂ ଦଳୀୟ କର୍ମୀଙ୍କ ସହ ରାଲିରେ ଏକ ଖୋଲା ଗାଡ଼ିରେ ବାହାରିଥିଲେ। ରାଜରାସ୍ତାରେ ବିଜେପି ସମର୍ଥକଙ୍କ ଭିଡ଼ ଏବଂ ଦଳୀୟ ପତାକା ପୋତି ହୋଇ ପଡ଼ିଥିଲା। ଉପ-ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସର ସବ୍ୟସାଚୀ ପଣ୍ଡାଙ୍କ ଠାରେ ଟଙ୍କଧର ଚାରି ସେଟ୍ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏହି ଅବସରରେ ରେଂଗାଲି ବିଧାୟକ ନାଉରୀ ନାୟକ, ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର, କୁଚିଣ୍ଡାର ପୂର୍ବତନ ବିଧାୟକ ରବି ନାୟକ, ଜିଲ୍ଲା ସଭାପତି ସୁନୀଲ ପଣ୍ଡା ପ୍ରମୁଖଙ୍କ ସହ ବହୁ ଦଳୀୟ ନେତା ଏବଂ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଠିକ ସେହିପରି କଂଗ୍ରେସ ପ୍ରାର୍ଥୀ ଅମିତା ବିଶ୍ୱାଳ ମଧ ସମର୍ଥକଙ୍କ ଗହଣରେ ଏକ ପଟୁଆରରେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦୁଇ ସେଟ୍ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏହି ଆସନ ପାଇଁ ମୋଟ୍ ୧୦ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra